# 'ଭୂତଳ ଜଳ ଉତ୍ତୋଳନ ବଡ଼ ସମସ୍ୟା ପାଲଟିବ'

## ବର୍ଷକୁ ୨୫୦ ଘନ କି.ମି. ଭୂତଳ ଜଳ ଉତ୍ତୋଳନ କରୁଛି ଭାରତ

ଭୁବନେଶ୍ୱର,୨୧ା୧୦
(ଅନୁରାଧା ମହାରଣା)



ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ ଗ୍ରାଉଣ୍ଡୱାଟର ଫର୍ ସସ୍‌ଟେନେବୁଲ ଡେଭଲପ୍‌ମେଣ୍ଟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନିତ କରାଯାଉଛି।

କିଟ୍ ବିଶ୍ୱବିଦ୍ୟାଳୟରେ ସୋମବାରଠାରୁ ୪ଦିନିଆ 'ପରିବେଶରେ ଆର୍ସେନିକ' ସଂକ୍ରାନ୍ତ ୯ମ ଅନ୍ତର୍ଜାତୀୟ କଂଗ୍ରେସ ସମ୍ମିଳନୀ ଆରମ୍ଭ ହୋଇଛି। ଏଥିରେ ୫୦ଟି ଦେଶରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ସମେତ ୪୦୦ ପ୍ରତିନିଧି ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରେ ବହୁ ବୈଜ୍ଞାନିକ, ଗବେଷକ ଓ ଖ୍ୟାତିସମ୍ପନ୍ନ ପ୍ରଫେସର ରହିଛନ୍ତି। ପ୍ରଥମ ଥର ପାଇଁ ଭାରତରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାନା ୱାଟର୍ଲୁ ବିଶ୍ୱବିଦ୍ୟାଳୟର ହାଇଡ୍ରୋଜିଓଲୋଜି ବିଭାଗ ପ୍ରଫେସର ଏମିରେଟସ୍ ଜନ ଚେରି ଯୋଗଦେଇ ଭୂତଳଜଳ ପରିଚାଳନା ସମସ୍ୟା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଶାନ୍ତିସ୍ୱରୂପ ଭଟ୍ଟନାଗର ପୁରସ୍କାରପ୍ରାପ୍ତ ତଥା ଆଇଆଇଟି ପ୍ରଫେସର ଅଭିଜିତ୍ ମୁଖାର୍ଜୀ ଯୋଗଦେଇ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣରେ ଜଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ ଭୂତଳଜଳ ବୋର୍ଡର ପୂର୍ବତନ ସଦସ୍ୟ ପ୍ରଫେସର ଦୀପଙ୍କର ଶାହା କହିଲେ, ବର୍ଷକୁ ଭାରତ ୨୫୦ ଘନ କିଲୋମିଟର ଭୂତଳ ଜଳ ଉତ୍ତୋଳନ କରୁଛି। ତେଣୁ ଆଗକୁ ଦେଶରେ ଭୂତଳଜଳ ଉତ୍ତୋଳନ ଏବଂ ଦୂଷିତ ଜଳ ଏକ ବଡ଼ ସମସ୍ୟା ଭାବେ ଉଭା ହେବ। ଏହି କଂଗ୍ରେସ ଆୟୋଜନ କମିଟି ଅଧ୍ୟକ୍ଷ ତଥା ସ୍ୱିଡେନର କେଟିଏଚ୍ ରୟାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ପ୍ରଫେସର ପ୍ରସୂନ ଭଟ୍ଟାଚାର୍ଯ୍ୟ କହିଲେ, ଉକ୍ତ କଂଗ୍ରେସ ପରିବେଶ ସମ୍ପର୍କିତ ଜରୁରୀ ଚ୍ୟାଲେଞ୍ଜର ମୁକାବିଲା ପାଇଁ ସହାୟକ ହେବ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଯୋଗଦେଇ କହିଲେ, ଦୂଷିତ ଜଳ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ବେଳେ ପ୍ରଦୂଷଣ ମାତ୍ରା ବଢିଚାଲିଛି। ଭବିଷ୍ୟତ ପିଢ଼ି ପାଇଁ ଏହି ସମସ୍ୟା ଭୟଙ୍କର ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ ଗ୍ରାଉଣ୍ଡୱାଟର ଫର୍ ସସ୍‌ଟେନେବୁଲ ଡେଭଲପ୍‌ମେଣ୍ଟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଜୀବନବ୍ୟାପୀ ସଦସ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି କିଟ୍ ବିଶ୍ୱବିଦ୍ୟାଳୟକୁ ଗ୍ରୀନ୍ କ୍ୟାମ୍ପସ ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଥିଲା। କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଏହି କେନ୍ଦ୍ରର କାର୍ଯ୍ୟଧାରା ଉପରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଏବଂ ଆୟୋଜନ କମିଟି ସମ୍ପାଦକ ତଥା କିଟ୍ ବିଶ୍ୱବିଦ୍ୟାଳୟ ପ୍ରଫେସର ଜ୍ୟୋତି ପ୍ରକାଶ ମାଇତି ଧନ୍ୟବାଦ ଦେଇଥିଲେ।



ସମାନ କାମକୁ ସମାନ ମଜୁରି ଓ ସ୍ଥାୟୀ ଚାକିରି ଦାବିରେ ଓଡ଼ିଶା ଷ୍ଟେଟ୍ ଇଲେକ୍ଟ୍ରିସିଟି ଏମ୍ପ୍ଲୟିଜ୍ ଫେଡେରେଶନ, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ଏବଂ ଓଡ଼ିଶା ପାୱାର ଏମ୍ପ୍ଲୟିଜ୍ ୟୁନିୟନ୍‌ର କୋ-ଅର୍ଡିନେଶନ କମିଟି ପକ୍ଷରୁ ସୋମବାର ଭୁବନେଶ୍ୱର ଟିପିସିଓଡିଏଲ୍ ମୁଖ୍ୟକାର୍ଯ୍ୟାଳୟ ସମ୍ମୁଖରେ ମିଳିତ ଗଣଧାରଣା। (ଫଟୋ-ମନୋରଞ୍ଜନ ମିଶ୍ର)

## ୨୫ଯାଏ ଚିଲିକାକୁ ଡଙ୍ଗା ମନା

ବାଲୁଗାଁ,୨୧ା୧୦(ସଂଗ୍ରାମ ପାଇକରାୟ) ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ଚିଲିକା ତଟବର୍ତ୍ତୀ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ସୋମବାର ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଚିଲିକା ତଟବର୍ତ୍ତୀ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଆସନ୍ତା ୨୫ତାରିଖ ଯାଏ ଚିଲିକାରେ ଯାତ୍ରୀବାହୀ ଏବଂ ମାଛଧରା ଡଙ୍ଗା ଚଳାଚଳକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଆଶ୍ରୟସ୍ଥଳ ଚିହ୍ନଟ କରାଯାଇଥିବା ବେଳେ ତଟବର୍ତ୍ତୀ ଅଞ୍ଚଳ ଶାନ୍ତିନଗର, ସନ୍ନ୍ୟାସୀନଗର ଏବଂ ଗୋପବନ୍ଧୁ ନଗର ବାସିନ୍ଦାଙ୍କୁ ଆବଶ୍ୟକସ୍ଥଳେ ସ୍ଥାନାନ୍ତର ନିମନ୍ତେ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଶ୍ରୟସ୍ଥଳଗୁଡ଼ିକରେ ଆଲୋକ, ପାନୀୟଜଳ, ଶୁଖିଲା ଏବଂ ରନ୍ଧାଖାଦ୍ୟର ବ୍ୟବସ୍ଥା ସହ ପ୍ରସୂତି ମହିଳା, ନବଜାତ ଶିଶୁ, ମା'ମାନଙ୍କୁ ନିକଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନିଆଯିବ ବୋଲି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ ସୂଚନା ଦେଇଛନ୍ତି। ତେବେ ବାତ୍ୟା ଆଶଙ୍କାରେ ମତ୍ସ୍ୟଜୀବୀମାନେ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ସ୍ଥାନରେ ରଖୁଥିବା ଦେଖିବାକୁ ମିଳିଛି। ସେହିପରି ବାଲୁଗାଁସ୍ଥିତ ମତ୍ସ୍ୟ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଖୋର୍ଦ୍ଧା ଜିଲା ଚିଲିକା ତଟବର୍ତ୍ତୀ ୪୨ଟି ଗ୍ରାମ ବାସିନ୍ଦାଙ୍କୁ ୨୧ରୁ ୨୫ ତାରିଖ ଯାଏ ଚିଲିକା ମଧ୍ୟକୁ ଡଙ୍ଗା ନ ନେବା ପାଇଁ ସତର୍କ କରାଯିବା ସହ ୧୦ଟି ଜେଟିଠାରେ ଡଙ୍ଗାଗୁଡ଼ିକୁ ସୁରକ୍ଷିତ ଭାବେ ବାନ୍ଧି ରଖିବାକୁ ପରାମର୍ଶ ଦିଆଯାଇଛି ବୋଲି ମତ୍ସ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ଗାଧୋଇବାକୁ ଯାଇ ନଦୀରେ ବୁଡ଼ିଗଲେ ୨ ସହପାଠୀ

### ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ

ନିଶ୍ଚିନ୍ତକୋଇଲି,୨୧ା୧୦
(ଅଶୋକ କୁମାର ମହାପାତ୍ର)

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ମହମ୍ମଦପୁର ଗ୍ରାମର ୨ ସହପାଠୀ ରବିବାର ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇ ନଦୀର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ସୋମବାର ସକାଳେ ଉଭୟଙ୍କ ମୃତଦେହ ମିଳିଛି। ଏନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ମୃତକ ଦ୍ୱୟ ହେଲେ ମହମ୍ମଦପୁର ଗ୍ରାମର ବାବୁଲି ବେହେରାଙ୍କ ପୁଅ ଚନ୍ଦନ ବେହେରା(୨୧) ଓ ଚିତ୍ତରଞ୍ଜନ ପାତ୍ରଙ୍କ ପୁଅ ବିଜୟ କୁମାର ପାତ୍ର(୨୧)। ଉଭୟେ ଯୁକ୍ତ ୩ ଶ୍ରେଣୀର ଛାତ୍ର ହୋଇଥିବାବେଳେ ଚନ୍ଦନ କୋରୁଆସ୍ଥିତ ଲୋକନାଥ ମହାବିଦ୍ୟାଳୟ ଓ ବିଜୟ ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପଢ଼ନ୍ତି। ରବିବାର ଉଭୟ ସହପାଠୀ ସାଙ୍ଗ ହୋଇ ଚିତ୍ରୋତ୍ପଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେମାନେ ନଦୀର ଚାଟରା ଘାଟରେ ଗାଧୋଉଥିଲା ବେଳେ ଗୋଡ଼ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ଉଭୟଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଏହାପରେ ଅଗ୍ନିଶମ କର୍ମଚାରୀ ଓଡ୍ରାଫ ଟିମ୍ ସହାୟତାରେ ସେଠାରେ ପହଞ୍ଚି ନଦୀରେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ। ମାତ୍ର ଚନ୍ଦନ ଓ ବିଜୟଙ୍କ କୌଣସି ପତ୍ତା ମିଳି ନ ଥିଲା। ସୋମବାର ସକାଳେ ଗାଁ ଲୋକେ ନଦୀକୁ ଗାଧୋଇବାକୁ ଯାଇଥିଲା ବେଳେ ୨ ସହପାଠୀଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିଥିଲେ। ଖବରପାଇ କିଶନନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଚନ୍ଦନ ଓ ବିଜୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ ଡାକ୍ତରଖାନା ପଠାଇଥିଲା। ଏ ସମ୍ପର୍କରେ କିଶନନଗର ଥାନାରେ ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ମହମ୍ମଦପୁର ଗ୍ରାମରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଚନ୍ଦନ ଓ ବିଜୟଙ୍କ ବିୟୋଗରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ନରେନ୍ଦ୍ର କୁମାର ବାରିକ, ପ୍ରାକ୍ତନ ସରପଞ୍ଚ ସରୋଜ କୁମାର ବେହେରା, ଅବଦୁଲ ସୋଫିଆନ, ସାମାଜିକ କର୍ମୀ ସେକ୍ ଜଲାଲଉଦ୍ଦିନ ଅହମ୍ମଦ, ରଞ୍ଜନ ବେହେରା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଦଶମଲ୍ଲୀ ଠାକୁରାଣୀ ମନ୍ଦିରରୁ ଚୋରି

ଗୋପ,୨୧ା୧୦(ଭାରତୀ ଭୂଷଣ ଉପାଧ୍ୟାୟ) ପୁରୀ ଜିଲା ଗୋପ ଥାନା ଅଧୀନ ଅଣ୍ଡରା-ଇଚ୍ଛାପୁର ପଞ୍ଚାୟତର ତରଡାପଡ଼ା ନିକଟସ୍ଥ ମା' ଦଶମଲ୍ଲୀ ଠାକୁରାଣୀ ମନ୍ଦିରରୁ ରବିବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ୨୯୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦଶମଲ୍ଲୀ ଠାକୁରାଣୀ ୭ଟି ଗାଁର ଆରାଧ୍ୟ ଦେବୀ ଭାବେ ପୂଜା ପାଉଥିବାବେଳେ ଏହି ଠାକୁରାଣୀ ପ୍ରତ୍ୟକ୍ଷ ଠାକୁରାଣୀ ଭାବେ ଜଣାଶୁଣା। ମାତ୍ର ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମା'ଙ୍କ ରୁପା ମୁକୁଟ, ସୁନା ଆଖି, ନୋଥ ସହ ମନ୍ଦିରରେ ପୂଜା ପାଉଥିବା ଆଉ ୮ ଠାକୁର ଠାକୁରାଣୀଙ୍କ ସୁନା ରୁପା ଅଳଙ୍କାର ଚୋରି କରିଥିବା ଜଣାପଡ଼ିଛି। ସୋମବାର ସକାଳୁ ମନ୍ଦିର ଖୋଲାଯିବା ପରେ ଏହି ଚୋରି ସମ୍ପର୍କରେ ଜଣାପଡ଼ିଥିଲା। ପୂଜକ ନାଲୁ ବାରିକ ଏହି ଚୋରି ସମ୍ପର୍କରେ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ।

## ପୂର୍ବାଞ୍ଚଳ ୟୁରୋଲୋଜିକାଲ ସୋସାଇଟିର ବାର୍ଷିକ ସମ୍ମିଳନୀ

କଟକ,୨୧ା୧୦(ଶିଲ୍ପା ପ୍ରିୟଦର୍ଶିନୀ)- ପୂର୍ବାଞ୍ଚଳ ୟୁରୋଲୋଜିକାଲ ସୋସାଇଟିର ୩୩ତମ ବାର୍ଷିକ ସମ୍ମିଳନୀ ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ସିବି ୟୁରୋଲୋଜି ବିଭାଗ ପକ୍ଷରୁ ୩ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ତଥା ସାଙ୍ଗଠନିକ ସମ୍ପାଦକ ପ୍ରଫେସର ସମୀର ସ୍ୱାଇଁ ଏବଂ ସାଙ୍ଗଠନିକ ଅଧ୍ୟକ୍ଷ ଡାକ୍ତର କେ.କେ. ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଆଭାସୀ ଜରିଆରେ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଓଡ଼ିଶା ସମେତ ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଆସାମ ଆଦି ରାଜ୍ୟର ୪୦୦ ଡାକ୍ତର ଯୋଗଦେଇଥିଲେ। ଏସ୍‌ସିବି ୟୁରୋଲୋଜି ବିଭାଗରେ ହୋଇଥିବା ଏକ ପ୍ରତିରୋପଣର ସିଧାପ୍ରସାରଣ କରାଯାଇଥିଲା। ରୋବୋଟିକ୍ ସର୍ଜରି, ଲେଜର ସର୍ଜରି, ଏଣ୍ଡୋସ୍କୋପିକ ୟୁରୋଲୋଜି ସର୍ଜରି ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ୟୁରୋଲୋଜି ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଡା. ଲଳିତ ସାହ, ସମ୍ପାଦକ ଡା. ଉତ୍ତମ ମିତ୍ତେ, ଡା. ଅମିତ ଘୋଷ, ଡା. କେ. ସୌମେନ୍ଦ୍ର, ଡା. ସବ୍ୟସାଚୀ ପଣ୍ଡା, ଡାକ୍ତର ସଞ୍ଜୟ ଚୌଧୁରୀ ଉପସ୍ଥିତ ଥିଲେ।

## ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୋଲିସର ସ୍ୱତନ୍ତ୍ର ସ୍ଥାନ ରହିଛି: ଡିଜିପି

### ୬୫ତମ ପୋଲିସ ଶହୀଦ ଦିବସ ପାଳିତ

କଟକ,୨୧ା୧୦ (କାର୍ତ୍ତିକ ସାହୁ)


ଶହୀଦ ସ୍ତମ୍ଭରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ୬୫ତମ ପୋଲିସ ଶହୀଦ ଦିବସ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଯୋଗଦେଇ ଦେଶ ତଥା ମାତୃଭୂମିର ସୁରକ୍ଷା ଓ ସମ୍ମାନ ପାଇଁ କର୍ମକ୍ଷେତ୍ରରେ ଶହୀଦ ହୋଇଥିବା ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ଶହୀଦଙ୍କ ପରିବାରବର୍ଗଙ୍କ ପ୍ରତି ସେ ସମବେଦନା ଜଣାଇଛନ୍ତି। ସେହିପରି ରାଜ୍ୟ ଆରକ୍ଷୀ ବାହିନୀ ତରଫରୁ ବୀର ଶହୀଦଙ୍କ ପ୍ରତି ଆନୁଷ୍ଠାନିକ ଶୋକଶସ୍ତ୍ର ପ୍ରଦର୍ଶନ ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ସମ୍ମାନ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଡିଜିପି ଖୁରାନିଆ କହିଛନ୍ତି, ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ପୋଲିସର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସାଧାରଣ ଲୋକଙ୍କ ଧନଜୀବନ ସୁରକ୍ଷା, ଆଇନଶୃଙ୍ଖଳା ନିୟନ୍ତ୍ରଣ, ଆତଙ୍କବାଦ ଓ ବାମପନ୍ଥୀ ଉଗ୍ରବାଦ ଦମନ, ସମାଜରେ ଶାନ୍ତି ପ୍ରତିଷ୍ଠା ଏବଂ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାରେ ପୋଲିସ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଯବାନମାନଙ୍କ ସହଯୋଗ ଏବଂ ପ୍ରୟାସ ପାଇଁ ରାଜ୍ୟରେ ନକ୍ସଲ ପ୍ରଭାବିତ ଜିଲାଗୁଡ଼ିକର ସଂଖ୍ୟା ହ୍ରାସ ପାଇଛି। ମାଓବାଦୀମାନେ ହିଂସାତ୍ମକ କାର୍ଯ୍ୟକଳାପ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଡିଜିପି ଆହ୍ୱାନ ଦେଇଛନ୍ତି।

ଚଳିତବର୍ଷ ଦେଶର ବିଭିନ୍ନ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୨୧୬ ଜଣ ଆରକ୍ଷୀ ପ୍ରାଣବଳୀ ଦେଇ ନିଜ ମାତୃଭୂମିକୁ ଗୌରବାନ୍ୱିତ କରିଛନ୍ତି। ଓଡ଼ିଶାରୁ ଶହୀଦ ହୋଇଥିବା କେନ୍ଦ୍ରାପଡ଼ା ଜିଲାର ହିମାଂଶୁ ଶେଖର ରଥ ଓ କଟକ ସହରାଞ୍ଚଳର ପ୍ରଦୀପ କୁମାର ମଲ୍ଲିକଙ୍କ ବିଷୟରେ ଡିଜିପି ଉଲ୍ଲେଖ କରିଥିଲେ। ଏହି ଅବସରରେ ଉଭୟଙ୍କ ପରିବାର ବର୍ଗ ଲୋକଙ୍କୁ ରାଜ୍ୟ ପୋଲିସ ମୁଖ୍ୟାଳୟକୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ଏହି ପବିତ୍ର ଦିବସରେ ସାମିଲ କରାଯାଇଥିଲା। ଡିଜିପି ଖୁରାନିଆ ଶୋକସନ୍ତପ୍ତ ଉଭୟଙ୍କ ପରିବାର ବର୍ଗଙ୍କ ସହିତ ଭାବ ବିନିମୟ କରିବା ସହ ସମବେଦନା ଜ୍ଞାପନ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ଦୟାଲ ଗଙ୍ଗୱାରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପାଳିତ ହୋଇଥିଲା।

ଗୋଇନ୍ଦା ନିର୍ଦ୍ଦେଶକ ଆର୍. ପି. କୋଚେ, ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ ଜେଠୱା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନୀକିକରଣ) ଏସ୍. କେ. ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଲୱେ ଏବଂ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାର, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ରାଜେଶ କୁମାରଙ୍କ ସମେତ ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଅଶୋକ


@ ନରସିଂହ


@ ଭେଙ୍କଟ


@ ଚୈତନ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ନ କିଣିବାକୁ ପରାମର୍ଶ


ବୈଠକରେ ମାଲଗୋଦାମ ବଣିକ ସଂଘର ସଦସ୍ୟ।

### ମାଲଗୋଦାମରେ ଭିଡ଼

- ଚଢ଼ା ଦରରେ ସାମଗ୍ରୀ ବିକ୍ରି ନ କରିବାକୁ ତାଗିଦ୍
- ଆବଶ୍ୟକ ହେଲେ ୨୪ ଘଣ୍ଟିଆ ଯୋଗାଣ ହେବ

କଟକ,୨୧ା୧୦ (କାର୍ତ୍ତିକ ସାହୁ)

ସମ୍ଭାବ୍ୟ ବାତ୍ୟାକୁ ନେଇ ସାଧାରଣ ଲୋକଙ୍କ ମନରେ ଛନକା ଏବେଠାରୁ ପଶିଲାଣି। ଫଳସ୍ୱରୂପ କଟକ ମାଲଗୋଦାମରେ ସୋମବାର ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଛି। ଦିନତମାମ ମାଲଗୋଦାମର ସବୁ ବ୍ୟବସାୟ ପ୍ରତିଷ୍ଠାନରେ ଲୋକମାନେ ଧାଡ଼ି ଲଗାଇ ଅତ୍ୟାବଶ୍ୟକ ସାମଗ୍ରୀ କିଣିଛନ୍ତି। ଆବଶ୍ୟକତାଠାରୁ ଅଧିକ ପରିମାଣର ସାମଗ୍ରୀ କିଣୁଥିବା ହେତୁ ବ୍ୟବସାୟୀମାନେ ବି ଜିନିଷ ଦେବା ପାଇଁ ଅସୁବିଧାରେ ପଡ଼ିଛନ୍ତି। ଲୋକଙ୍କ ଏଭଳି ବ୍ୟସ୍ତତାକୁ ନେଇ ମାଲଗୋଦାମ ବଣିକ ସଂଘ ପକ୍ଷରୁ ଆବଶ୍ୟକତାଠାରୁ ଅଧିକ ସାମଗ୍ରୀ ନ କିଣିବାକୁ ପରାମର୍ଶ ଦିଆଯାଇଛି। ସେହିପରି କୌଣସି ବ୍ୟବସାୟୀ ଚଢ଼ା ଦରରେ ସାମଗ୍ରୀ ନ ବିକିବାକୁ ମଧ୍ୟ ତାଗିଦ୍ କରାଯାଇଛି। ସଂଘ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇଙ୍କ କହିବାନୁସାରେ, ଲୋକମାନେ ବାତ୍ୟାକୁ ନେଇ ଅଯଥା ବ୍ୟସ୍ତ ହୁଅନ୍ତୁ ନାହିଁ। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ମାଲଗୋଦାମ ବଣିକ ସଂଘ ପ୍ରସ୍ତୁତ। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟଗୁଡ଼ିକୁ ବହୁ ପରିମାଣରେ ମାଲଗୋଦାମରେ ମହଜୁଦ ରଖାଯାଇଛି। ଗ୍ରାହକଙ୍କ ପାଖରେ ଅତିଶୀଘ୍ର ସାମଗ୍ରୀ ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଇଛି।

ଅପରପକ୍ଷରେ ମାଲଗୋଦାମ ବଣିକ ସଂଘ ବାତ୍ୟା ମୁକାବିଲା ପାଇଁ ସୋମବାର ଏକ ବୈଠକ କରିବା ପରେ ପ୍ରେସ୍ ବିଜ୍ଞପ୍ତିରେ କେତେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରଚୁର ପରିମାଣରେ ମହଜୁଦ ରଖାଯାଇଛି। ମହାରାଷ୍ଟ୍ର, କୋଲକାତା, ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଥିବା ସମସ୍ତ ଯୋଗାଣକାରୀଙ୍କୁ ଆଗରୁ ସତର୍କ କରାଯାଇଛି। ବାତ୍ୟା ପାଇଁ ବାହାର ରାଜ୍ୟର ଯୋଗାଣକାରୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ପ୍ରାଥମିକତା ଭିତ୍ତିରେ ଓଡ଼ିଶାକୁ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଲୋକମାନେ ଭୟଭୀତ ନ ହୋଇ ଦୃଢ଼ ମନୋବଳ ନେଇ ବାତ୍ୟା ମୁକାବିଲା ପାଇଁ ନିବେଦନ କରାଯାଇଛି। ସେହିପରି କୌଣସି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି ହେଲେ ବଣିକ ସଂଘକୁ ଜଣାଇବାକୁ ଲୋକଙ୍କୁ ନିବେଦନ କରାଯାଉଛି। ଆବଶ୍ୟକ ହେଲେ ବଣିକ ସଂଘ ତରଫରୁ ଧାର୍ଯ୍ୟ ବ୍ୟବସାୟ ସମୟସୀମା ବ୍ୟତୀତ ୨୪ ଘଣ୍ଟିଆ ଦୋକାନ ଖୋଲା ରଖି ସାମଗ୍ରୀ ଯୋଗାଇଦେବା ପାଇଁ ସମସ୍ତ ବ୍ୟବସାୟୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ଓ ଜିଲା ପ୍ରଶାସନକୁ ବଣିକ ସଂଘ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତ ରହିଛି ବୋଲି କୁହାଯାଇଛି। ଏହି ବୈଠକରେ ବଣିକ ସଂଘ ଉପସଭାପତି ଦୀପକ କୁମାର ଅଗ୍ରୱାଲ, ଶ୍ରୀକାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ଛାଟୋଇ, ଯୁଗ୍ମ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର ଓ ପ୍ରଦୀପ୍ତ ରଞ୍ଜନ ଦାସଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାତ୍ୟା 'ଦାନା' ପାଇଁ ନନ୍ଦନକାନନ ଆଗୁଆ ସଜାଗ

ତ୍ରିଶୂଳିଆ,୨୧।୧୦(ତୁଷାରକାନ୍ତ ବେହେରା)

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ଆଗୁଆ ସଜାଗ ହୋଇଛନ୍ତି। ବାତ୍ୟା ଆରମ୍ଭରୁ ପ୍ରାଣୀଙ୍କୁ ଖୁଆଡ଼ ବାହାରକୁ ଛଡ଼ା ନ ଯାଇ ସେମାନଙ୍କୁ ଫିଡିଂ ଚାମ୍ବରରେ ରଖାଯିବ। ସେମାନଙ୍କ ପାଇଁ ଆବଶ୍ୟକ ଖାଦ୍ୟ ପାନୀୟ ଔଷଧ ରଖାଯିବ। ତାହା ସହିତ ପରିସର ମଧ୍ୟରେ ଅଧିକ ପବନ ବୋହି ଗଛ ଭାଙ୍ଗିଲେ ସେସବୁ ସଫା କରିବାକୁ କଟର ମେଶିନ ଦ୍ୱାରା କଟାଯିବ। ବିଦ୍ୟୁତ୍ ସଂଯୋଗ ପାଇଁ ଜେନେରେଟର ଦ୍ୱାରା ଲାଇଟ୍‌ର ବ୍ୟବସ୍ଥା, ଖୁଆଡ଼ଗୁଡ଼ିକରେ ପାଣି ଜମିଲେ ନିଷ୍କାସନ ପାଇଁ ପାଣି ମଟରର ବ୍ୟବସ୍ଥା, ବିହଙ୍ଗ ବିହାରରେ ଯେପରି ପବନ ବାଜିବନି ସେଥିନିମନ୍ତେ ପାଲ ଆବଦ୍ଧ କରାଯିବ। ପୋଲିସ ପ୍ରଶାସନକୁ ମଧ୍ୟ ସଜାଗ ରହିବାକୁ ଅନୁରୋଧ କରାଯାଇଛି। କର୍ମଚାରୀଙ୍କୁ ଗ୍ରୁପ କରାଯାଇ ଖୁଆଡ଼ର ତଦାରଖ କରାଯିବ। ଯଦି ବାତ୍ୟାର ପ୍ରକୋପ ଅଧିକ ହୁଏ, ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଉଚିତ୍ ପଦକ୍ଷେପ ନିଆଯିବ ବୋଲି ଏସ୍‌ସିଏଫ୍ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି।

### ଓସିଏସ୍ ପରୀକ୍ଷାରେ କିସ୍‌ର ୧୫ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ

ଭୁବନେଶ୍ୱର,୨୧।୧୦(ଅନୁରାଧା ମହାରଣା)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ସିଭିଲ ସେବା ପରୀକ୍ଷା (ଓସିଏସ୍)ରେ କିସ୍‌ର ୧୨ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। କିସ୍ ଛାତ୍ର ତଥା କଳାହାଣ୍ଡିର ନନ୍ଦକିଶୋର ପାତ୍ର ଓ ନୀଳମାଧବ ପାତ୍ର, ମୟୂରଭଞ୍ଜର ସଞ୍ଜୀବ ହାଁସଦା, ରାମେଶ୍ୱର ହେମ୍ବ୍ରମ, ଲମ୍ବୋଦର ହେମ୍ବ୍ରମ, ଚିକିଲିମଣି ସୋରେନ, ସମ୍ବଲପୁରର ରାଜେଶ କିଶାନ, ସୁମନ କୁଜୁର, ବଲାଙ୍ଗୀରର ଜଗଜ୍ଜୀବନ ମାଝୀ, କନ୍ଧମାଳର ଗୁନିତା ପ୍ରଧାନ, ମାଲକାନଗିରିର ଶ୍ୟାମ ମାଡି ଓ ସୁନ୍ଦରଗଡ଼ର ବିଶ୍ୱନାଥ ରଞ୍ଜନ କିଷାନ ପ୍ରମୁଖ ଏହି ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ପ୍ରାୟ ୧୫ ଛାତ୍ରୀଛାତ୍ର ଓସିଏସ୍‌ରେ କୃତକାର୍ଯ୍ୟ ହୋଇଥିବାବେଳେ ପ୍ରତିବର୍ଷ ଅନେକ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ପାଇଆସୁଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଯୁବକଙ୍କ ଗୋପନୀୟ ଅଙ୍ଗରେ ଗରମ ଚା' ଢାଳିଦେଲେ

ଭୁବନେଶ୍ୱର,୨୧।୧୦(ସୂର୍ଯ୍ୟକାନ୍ତ ବେହେରା)

ଦୋକାନରେ ସିଗାରେଟ ନ ଥିବା କହିବାରୁ ଜଣେ ଯୁବକଙ୍କ ଗୋପନୀୟ ଅଙ୍ଗରେ ଗରମ ଚା' ଢାଳି ଦେବା ସହ ଆକ୍ରମଣ କରିବା ଅଭିଯୋଗରେ ଧଉଳି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଧଉଳି ଅଞ୍ଚଳର ପ୍ରଦୀପ୍ତ କୁମାର ମହାନ୍ତି। ଜାମିନ ନ ମିଳିବାରୁ ପ୍ରଦୀପ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ଯିବାକୁ ପଡ଼ିଛି। ଆହତ ସନ୍ତୋଷ କାଣ୍ଡିଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନାନୁସାରେ, ସନ୍ତୋଷ ଧଉଳି ଟୋଲଗେଟ୍ ବସ୍‌ଷ୍ଟାଣ୍ଡ ନିକଟ ଏକ ଦୋକାନରେ କାମ କରନ୍ତି। ଶନିବାର ସନ୍ଧ୍ୟାରେ ସନ୍ତୋଷଙ୍କ ଦୋକାନକୁ ପ୍ରଦୀପ୍ତ ଆସି ସିଗାରେଟ ମାଗିଥିଲେ। ସିଗାରେଟ ନ ଥିବା ସନ୍ତୋଷ କହିଥିଲେ। ଏଥିରେ ପ୍ରଦୀପ୍ତ ରାଗିଯାଇ ସନ୍ତୋଷଙ୍କୁ ଗାଳିଗୁଲଜ କରିଥିଲେ। ସନ୍ତୋଷ ଏହାକୁ ବିରୋଧ କରିବାରୁ ପ୍ରଦୀପ୍ତ ତାଙ୍କ ଗୋପନୀୟ ଅଙ୍ଗରେ ଗରମ ଚା' ଢାଳି ଦେଇଥିଲେ।

# ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍



ପ୍ରସ୍ତୁତି ବୈଠକରେ ବିଏମ୍‌ସି ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ସମ୍ଭାବ୍ୟ ବାତ୍ୟା 'ଦାନା' ପାଇଁ ବିଏମ୍‌ସିର ପ୍ରସ୍ତୁତି

- ୨୩ରୁ ତଳି ଅଞ୍ଚଳ ଲୋକଙ୍କୁ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବ
- ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ, ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ସମ୍ଭାବ୍ୟ ବାତ୍ୟା 'ଦାନା'ର ସଫଳ ମୁକାବିଲା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଏନେଇ ସୋମବାର ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅକ୍ଟୋବର ୨୩ରୁ ବର୍ଷାର ପରିମାଣ ବୃଦ୍ଧି ପାଇବାକୁ ଥିବାରୁ ଖାଲୁଆ ତଥା ତଳି ଅଞ୍ଚଳର ଲୋକଙ୍କୁ ବିଭିନ୍ନ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ସମସ୍ତ ଜୋନାଲ କମିଶନରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଦ୍ୟାଳୟ ଓ କଲ୍ୟାଣ ମଣ୍ଡପରେ ହୋଇଥିବା ଆଶ୍ରୟସ୍ଥଳଗୁଡ଼ିକୁ ତୁରନ୍ତ ପ୍ରସ୍ତୁତ କରିବାକୁ କୁହାଯାଇଛି। ଏବେ ବିଏମ୍‌ସିର ୭୨ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ସେହିସବୁ ସ୍ଥାନରେ ବିଏମ୍‌ସିର ଅଧିକାରୀମାନେ ଉପସ୍ଥିତ ରହି ପରିସ୍ଥିତିର ପରିଚାଳନା କରିବେ। ଆବଶ୍ୟକ ହେଲେ ଅଧିକ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ସେଠାରେ ଲୋକଙ୍କ ପାଇଁ ପାଇଖାନା, ପାନୀୟଜଳ, ଜେନେରେଟର, ଶୁଖିଲା ଖାଦ୍ୟ ଆଦି ମହଜୁଦ୍ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ଆଶ୍ରୟସ୍ଥଳ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଗରମ ଖାଦ୍ୟ ପ୍ରଦାନ କରାଯିବ। ସେହିପରି ଆଶ୍ରୟସ୍ଥଳଗୁଡ଼ିକରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ମଧ୍ୟ ରହିବ।

ଗର୍ଭବତୀମାନଙ୍କୁ ଆବଶ୍ୟକ ପଡ଼ିଲେ ଡାକ୍ତରଖାନାରେ ରଖିବାର ବ୍ୟବସ୍ଥା କରାଯାଇଛି। ସେହିପରି ସମଗ୍ର ସହରରେ ଚିହ୍ନଟ ହୋଇଥିବା ଜଳବନ୍ଦୀ ଅଞ୍ଚଳରୁ ବନ୍ୟାଜଳ ନିଷ୍କାସନ ପାଇଁ ଆବଶ୍ୟକ ପମ୍ପସେଟ୍ ମହଜୁଦ୍ ରଖାଯାଇଛି। ଦରକାର ପଡ଼ିଲେ ଅଗ୍ନିଶମ ବିଭାଗର ପମ୍ପସେଟଗୁଡ଼ିକୁ ମଧ୍ୟ ବ୍ୟବହାର କରାଯିବ। ଗଛ ଭାଙ୍ଗିଲେ ଓଡ୍ରାଫ ଟିମ୍ ଆବଶ୍ୟକ ଯନ୍ତ୍ରପାତି ଓ ଉପକରଣ ସହ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ସବୁଜ ବର୍ଜ୍ୟ ଜମା କରିବା ପାଇଁ ସ୍ଥାନ ଚିହ୍ନଟ କରିବାକୁ ଜୋନାଲ କମିଶନରମାନଙ୍କୁ କୁହାଯାଇଛି। ବିଦ୍ୟୁତ୍ ଖୁଣ୍ଟ କିମ୍ବା ମୋବାଇଲ୍ ଟାୱାର ଭାଙ୍ଗିଲେ ତତ୍‌କ୍ଷଣାତ୍ ତା'ର ପୁନରୁଦ୍ଧାର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟୁତ୍ ଆଲୋକର ପୁନରୁଦ୍ଧାର ପାଇଁ ଟିପିସିଓଡିଏଲ୍‌କୁ ଯନ୍ତ୍ରପାତି ଏବଂ ଆବଶ୍ୟକ କର୍ମଚାରୀଙ୍କ ସହିତ ପ୍ରସ୍ତୁତ ରହିବା, ଏପରିକି ଜରୁରିକାଳୀନ ପରିସ୍ଥିତିରେ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ଡିଜେଲ ଜେନେରେଟର ପ୍ରସ୍ତୁତ ରହିଥିବା ଟାଟା କମ୍ପାନୀ ପକ୍ଷରୁ କୁହାଯାଇଛି। ପାନୀୟଜଳ ଯୋଗାଣ ପାଇଁ ୱାଟ୍‌କୋ ପକ୍ଷରୁ ସିଣ୍ଟେକ୍ସ ଟ୍ୟାଙ୍କ୍ ଓ ଟ୍ୟାଙ୍କର ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ଘରୋଇ ଟ୍ୟାଙ୍କରଗୁଡ଼ିକୁ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ୱାଟ୍‌କୋ ପକ୍ଷରୁ କୁହାଯାଇଛି। ଆଘାତପ୍ରାପ୍ତ ପଶୁଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ପରିଚାଳିତ ୧୦ ଅସ୍ଥାୟୀ ଆଶ୍ରୟସ୍ଥଳରେ ରଖିବା ସହ ସେମାନଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦେବାକୁ ସବ୍‌ଡିଭିଜନାଲ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ଜରୁରିକାଳୀନ ସହାୟତା ପାଇଁ ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲା ରହିବ। ନାଗରିକମାନେ ଜରୁରିକାଳୀନ ସହାୟତା ପାଇଁ ୧୯୨୯ ଏବଂ ୭୮୦୯୮୯୬୬୨୧ରେ ଫୋନ୍ କରି ଜଣାଇବାକୁ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସମ୍ଭାବ୍ୟ ବାତ୍ୟା ପାଇଁ ବିଏମ୍‌ସିର ସମସ୍ତ ଅଧିକାରୀଙ୍କ ଛୁଟି ବାତିଲ୍ କରାଯିବା ସହ ହେଡ୍‌କ୍ୱାର୍ଟର ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ପୁସ୍ତକ 'ସାଧାରଣରୁ ସିଦ୍ଧି'କୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୨୧।୧୦(ବନ୍ଦନା ସେଠୀ)

ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ପୁସ୍ତକ 'ସାଧନାରୁ ସିଦ୍ଧି' ଉନ୍ମୋଚନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୁଦ୍ଧ ମନ୍ଦିରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଫୋରମ୍‌ର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ସମାଜ ଗଠନରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ସେମାନଙ୍କ ଜୀବନାବଳୀ ଓ ଉତ୍ସର୍ଗୀକୃତ ସେବାକୁ ନେଇ ପ୍ରସ୍ତୁତ ପୁସ୍ତକ 'ସାଧନାରୁ ସିଦ୍ଧି' ପ୍ରତ୍ୟେକ ବିଦ୍ୟାଳୟରେ ପହଞ୍ଚାଇବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଫୋରମ୍ ଓଡ଼ିଶାର ଉପଦେଷ୍ଟା ତଥା ବାଲେଶ୍ୱରର ପ୍ରାକ୍ତନ ଜିଲାପାଳ ସନାତନ ମଲ୍ଲିକ ଯୋଗଦେଇ ସମାଜ ଗଠନରେ ଶିକ୍ଷକମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଫୋରମର ଅନ୍ୟତମ ଉପଦେଷ୍ଟା ତଥା ପୂର୍ବତନ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତ ଯୋଗଦେଇ କହିଲେ, ସରକାରୀ ସେବାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଆଗଲେ ସମାଜର ଉନ୍ନତି ସାଧନ ହୋଇ ପାରିବ। ଫୋରମ ଓଡ଼ିଶାର ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସାଧନାରୁ ସିଦ୍ଧି' ପୁସ୍ତକ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଫୋରମ ଓଡ଼ିଶାର ଉପସଭାପତି କୃଷିଦା ବେଗମ, ଦୁଃଖବନ୍ଧୁ ସାହୁ, ରାଧାଶ୍ୟାମ ପଣ୍ଡା, ସମ୍ପାଦକ ରବୀନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର



ଭିଏସ୍‌ଏସ୍ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି। (ଫଟୋ- ବିକାଶ ନାୟକ)

- ସମସ୍ୟା ସୁଧୁରୁ ନ ଥିବାରୁ ଅସନ୍ତୋଷ
- ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ ନିର୍ମାଣ ଦାବି

ଭୁବନେଶ୍ୱର,୨୧।୧୦(ଅନୁରାଧା ମହାରଣା)

ଭିଏସ୍‌ଏସ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ପିଲାଙ୍କ ସଂଖ୍ୟା ତୁଳନାରେ ଶ୍ରେଣୀଗୃହ ନାହିଁ। ଶିକ୍ଷକ ଅଭାବରୁ ପିଲା ସ୍କୁଲ ଆସି ମଧ୍ୟ ପାଠ ପଢ଼ି ନ ପାରି ବସି ବସି ଘରକୁ ଫେରୁଛନ୍ତି। ଏହାକୁ ନେଇ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ ଓ ପୁରାତନ ଛାତ୍ର ସଂସଦ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ଏହାର ପ୍ରତିବାଦରେ ଛାତ୍ରୀଛାତ୍ର ସୋମବାର ସ୍କୁଲ ଫାଟକରେ ତାଲା ପକାଇ ସମ୍ମୁଖ ରାସ୍ତାରେ ଧାରଣା ଦେଇଥିଲେ। ଅପରାହ୍ନରେ ବ୍ଲକ ଶିକ୍ଷାଧିକାରୀ ପହଞ୍ଚି ବୁଝାଶୁଝା କରିବା ସହ ସପ୍ତାହକ ମଧ୍ୟରେ ଶିକ୍ଷକ ପଦବୀ ପୂରଣ ନେଇ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପଟେ ମଙ୍ଗଳବାର ଜିଲା ଶିକ୍ଷାଧିକାରୀ ଏ ସମସ୍ୟାର ସମାଧାନ ଦିଗରେ ଅଭିଭାବକ ଓ ଛାତ୍ର ସଂଘ ଆଲୋଚନା କରିବେ ବୋଲି ଜେନା କହିଛନ୍ତି। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ପୁରାତନ ଛାତ୍ର ସଂସଦର ସଭାପତି ସୌମ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ୧୯୯୦ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ପାଖାପାଖି ୪ଶହରୁ ଊର୍ଦ୍ଧ୍ୱ ପିଲା ପାଠ ପଢ଼ୁଛନ୍ତି। ଏଥିପାଇଁ ୧୦ଟି ମଞ୍ଜୁରପ୍ରାପ୍ତ ଶିକ୍ଷକ ପଦବୀ ରହିଥିଲେ ମଧ୍ୟ ୭ଜଣ ଶିକ୍ଷକ ଅଛନ୍ତି। ଦୀର୍ଘବର୍ଷ ଧରି ଶିକ୍ଷକ ପଦବୀ ଖାଲି ପଡ଼ିଥିବାରୁ ଦିନକୁ ଦିନ ପିଲାଙ୍କ ପରୀକ୍ଷା ଫଳାଫଳ ଉପରେ ଏହାର ପ୍ରଭାବ ପଡୁଛି ବୋଲି ଆନ୍ଦୋଳନକୁ ଓହ୍ଲାଇଥିବା ଛାତ୍ରୀଛାତ୍ର କହିଛନ୍ତି। ଏହି ପୁରାତନ ସ୍କୁଲର ସମସ୍ୟା ସୁଧାରିବା ପାଇଁ ବିଭାଗୀୟ ମନ୍ତ୍ରୀଙ୍କଠାରୁ ଆରମ୍ଭକରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ପୁରାତନ ଛାତ୍ର ସଂସଦ ସଭାପତି ପ୍ରଧାନ କହିଛନ୍ତି, ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିଶ୍ରୁତି ମୁତାବକ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ।

### ଗାଡ଼ିରୁ ବାହାରିଲା ସାପ

ତ୍ରିଶୂଳିଆ,୨୧।୧୦(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ଛକ ନିକଟରେ କୁହ୍ନେଇଁପଡ଼ା ଗ୍ରାମର ଅଜୟ ଦାଶଙ୍କ ସ୍କୁଟିରୁ ସୋମବାର ଏକ ସାପ ଉଦ୍ଧାର କରାଯାଇଛି। ଯୁବକ ଜଣକ ସାପ କାମୁଡ଼ାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ରବିବାର ୧୦ଟା ୩୦ ସମୟରେ ତ୍ରିଶୂଳିଆ ନିକଟରେ ଥିବା ରିଲିଆନ୍ସ ଫ୍ରେସ୍‌କୁ ଆସିଥିଲେ। ସେଠାରୁ ଆସି ଜିନିଷ ରଖିବାକୁ ସ୍କୁଟି ଡିକି ଖୋଲିଥିଲେ। ତା' ମଧ୍ୟରେ ଥିବା ଏକ ସାପ ବାହାରି ତାଙ୍କୁ କାମୁଡ଼ିବାକୁ ଚେଷ୍ଟା କରିଥିଲା। ଯୁବକ ଜଣଙ୍କ ଗାଡ଼ି ନିକଟରୁ ଦୂରେଇ ଆସି ସାପକୁ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ସାପଟି ପୁଣି ଡିକି ଭିତରକୁ ପଶିଯାଇଥିଲା। ଏହାପରେ ସେ ନରଣପୁର ଗ୍ରାମର ସାପ ଧରାଳି ଦୀପକ ସ୍ୱାଇଁକୁ ଖବର ଦେଇଥିଲେ। ଦୀପକ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଛାଡ଼ିଥିବା ଜଣାପଡ଼ିଛି।

# ବାର୍ଷିକ କର୍ମଶାଳା ଉଦ୍‌ଘାଟିତ



ଭୁବନେଶ୍ୱର, ୨୧।୧୦ (ବନ୍ଦନା ସେଠୀ)

ବିଭୂତି କାନୁନ୍‌ଗୋ ଚାରୁ ଓ କରୁକଳା ମହାବିଦ୍ୟାଳୟ ଭାରତୀୟ ଚିତ୍ରକଳା ବିଭାଗର ବାର୍ଷିକ କର୍ମଶାଳା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଚିତ୍ରବିଥି ହଲ୍‌ରେ ଅନୁଷ୍ଠିତ ଏହି କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ସୁବ୍ରତ ମଲ୍ଲିକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିତ୍ରଶିଳ୍ପୀ ସୁକାନ୍ତ ଦାସ, ଅଧ୍ୟାପକ ଚନ୍ଦ୍ରଶେଖର ସେଠୀ, ମୀନକେତନ ପଟ୍ଟନାୟକ, ଆଶିଷ ଶରଣ, ପ୍ରଦୀପ ପାତ୍ର, ଆନ୍ତର୍ଯ୍ୟାମୀ ଦାସ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଭାରତୀୟ ଚିତ୍ରକଳା ବିଭାଗର ୫୦ଜଣ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି କର୍ମଶାଳା ଅକ୍ଟୋବର ୨୪ପର୍ଯ୍ୟନ୍ତ ଚାଲିବ। ସୁକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ୫୦ଜଣ ଯୁବ ଚିତ୍ରଶିଳ୍ପୀ କାର୍ଯ୍ୟ କରିବେ। କର୍ମଶାଳାକୁ ଶିଳ୍ପୀ ତଥା ଧ୍ୟାପକ ମାନସ ଜେନା ସଂଯୋଜନା କରୁଛନ୍ତି।




ଭୁବନେଶ୍ୱର ସୂଚନାଭବନରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ସରିତା ମିଶ୍ରଙ୍କ ଦ୍ୱାରା ରଚିତ ପୁସ୍ତକ 'ସମ୍ବଲପୁରୀ ଇକତ୍ସ- ଦି ମାଷ୍ଟରପିସ୍'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ସଂସଦୀୟ ଷ୍ଟାଣ୍ଡିଂ କମିଟିର କିଟ୍, କିସ୍ ପରିଦର୍ଶନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ସଂସଦୀୟ ଷ୍ଟାଣ୍ଡିଂ କମିଟିର ସଦସ୍ୟ ବୃନ୍ଦ।

ଭୁବନେଶ୍ୱର,୨୧।୧୦(ଅନୁରାଧା ମହାରଣା)

ତଫସିଲଭୁକ୍ତ ଜାତି ଓ ଜନଜାତି କଲ୍ୟାଣ ସମ୍ବନ୍ଧୀୟ ସଂସଦୀୟ ଷ୍ଟାଣ୍ଡିଂ କମିଟି ରବିବାର କିଟ୍ ଓ କିସ୍ ଦର୍ଶନ କରି ଫେରିଛି। ଏମ୍‌ପି ଡ. ଫଗନ ସିଂହ କୁଲସ୍ତେଙ୍କ ଅଧ୍ୟକ୍ଷତାରେ ଏହି କମିଟି କିଟ୍ ଓ କିସ୍ ପରିଦର୍ଶନ କରିଥିଲା। ଏହି ଅବସରରେ କିସ୍‌ର ୪୦ ହଜାର ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଡ. କୁଲସ୍ତେ କହିଲେ, ଏତେସଂଖ୍ୟକ ପିଲାଙ୍କୁ ଗୋଟିଏ ସ୍ଥାନରେ ରଖି ପାଠ ପଢ଼ାଇବା ସହ ସେମାନଙ୍କ ପ୍ରତିଭା ଚିହ୍ନଟ କରି ତାହାର ବିକାଶ କରାଇବା ସହଜସାଧ୍ୟ କାମ ନୁହେଁ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଏମ୍‌ପି ପ୍ରତିମା ମଣ୍ଡଳ ଯୋଗଦେଇ କହିଲେ, ସମାଜ ଓ ଦେଶର ବିକାଶ ପାଇଁ ଶିକ୍ଷା ହେଉଛି ଏକମାତ୍ର ମାଧ୍ୟମ। କିସ୍ ଦ୍ୱାରା କରାଯାଉଥିବା ପ୍ରୟାସ ଜନଜାତିଙ୍କ ଶିକ୍ଷା ଓ ସାମଗ୍ରିକ ବିକାଶ କ୍ଷେତ୍ରରେ ଏକ ଉଦାହରଣ। କିସ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେ ଜଗନ୍ନାଥଙ୍କୁ ଦର୍ଶନ କରିପାରିଥିବା କହିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

# ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ ୨୦୩୦ ସୁଦ୍ଧା ବାଲ୍ୟବିବାହର ଅନ୍ତ ଘଟାଇବ

ଭୁବନେଶ୍ୱର,୨୧।୧୦(ସତ୍ୟଜିତ୍ ରାଉତ)

ଚାଇଲ୍ଡ ମ୍ୟାରେଜ ଫ୍ରି ଇଣ୍ଡିଆ (ସିଏମ୍‌ଏଫ୍‌ଆଇ)ର ମିଳିତ ସହଯୋଗୀ ସୋସାଇଟି ଫର୍ ଏନ୍‌ଲାଇଟେନ୍‌ମେଣ୍ଟ ଆଣ୍ଡ ଭଲ୍ୟୁଣ୍ଟାରୀ ଆକ୍ସନ୍ (ଏସ୍‌ଇଭିଏ) ନିର୍ଦ୍ଦେଶିକା ଅଳକା ସାହୁ ଓ କାର୍ଯ୍ୟକର୍ତ୍ତା ନିର୍ମଳ ଗୋରାନାଙ୍କ ଦ୍ୱାରା ଦାଖଲ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଗତ ୩ଦିନ ତଳେ ଗୁରୁତ୍ୱପୂର୍ଣ୍ଣ ରାୟ ଦେବା ସହ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଥିରେ ଗ୍ରାମ ସମ୍ପ୍ରଦାୟକୁ ସଚେତନ କରାଇବା ସହ ବାଲ୍ୟ ବିବାହ ରୋକିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଗାଇଡଲାଇନ୍ ନିଶ୍ଚିତ ଭାବେ ୨୦୩୦ ସୁଦ୍ଧା ବାଲ୍ୟବିବାହର ଅନ୍ତ ଘଟାଇବ ବୋଲି ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ହୋଟେଲରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅଳକା ସାହୁ କହିଛନ୍ତି। ଦେଶରେ 'ବାଲ୍ୟ ବିବାହମୁକ୍ତ ଗ୍ରାମ' ପଦକ୍ଷେପ ଆରମ୍ଭ କରାଯିବାକୁ ଆପେକ୍ସ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩-୨୪ରେ ମିଳିତ ମଞ୍ଚ ଭାରତରେ କେବଳ ୫୦ ହଜାରରୁ ଊର୍ଦ୍ଧ୍ୱ 'ବାଲ୍ୟବିବାହ ମୁକ୍ତ ଗ୍ରାମ' ସୃଷ୍ଟି କରିଛି। ପିଲାଙ୍କୁ ସେମାନଙ୍କ ଅଧିକାର, ଯୌନ ଶିକ୍ଷା, ପଞ୍ଚାୟତ ଗଠନ, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ବାଲ୍ୟ ବିବାହ ସୁରକ୍ଷା ଅଧିକାରୀଙ୍କୁ ସେମାନଙ୍କ ଆଖପାଖରେ ହେଉଥିବା ଏଭଳି କାର୍ଯ୍ୟ ପାଇଁ ଉତ୍ତରଦାୟୀ ରହିବେ ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି। ଏହାର ପ୍ରତିରୋଧ, ସୁରକ୍ଷା ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ନିଷେଧାଦେଶର ବାଲ୍ୟ ବିବାହ ଆଇନ (ପିସିଏମ୍‌ଏ)-୨୦୦୬ କାର୍ଯ୍ୟକାରୀ କରିବା ପାଇଁ ମଡେଲ ବ୍ୟବହାର କରାଯିବା ଉଚିତ ବୋଲି କୋର୍ଟ କହିଛନ୍ତି। ଅଳକା ସୁପ୍ରିମକୋର୍ଟଙ୍କୁ ଗଭୀର କୃତଜ୍ଞତା ଜଣାଇ କହିଥିଲେ ଯେ, ନୂଆ ନିର୍ଦ୍ଦେଶାବଳୀ ରାଜ୍ୟ ସରକାର ଏବଂ ଗ୍ରାମ କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକାରୀ ହେଲେ ଏହାର ପ୍ରଭାବ ବହୁଗୁଣିତ ହେବା ସହ ବାଲ୍ୟବିବାହ ସମାପ୍ତ ହେବ। ସେହିପରି ସିଏମ୍‌ଏଫ୍‌ଆଇ ସଂଯୋଜକ ରବିକାନ୍ତ କହିଲେ, ବାଲ୍ୟବିବାହ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ପ୍ରସଙ୍ଗ। ସୁପ୍ରିମକୋର୍ଟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଆମ ପିକେଟ୍ ରଣନୀତିର ଏକ ଅଂଶ ଭାବେ ଅଭ୍ୟାସ ହୋଇସାରିଛି, ଯାହା ବାଲ୍ୟ ବିବାହମୁକ୍ତ ଭାରତ ଅଭିଯାନ (ସିଏମ୍‌ଏଫ୍‌ଆଇ) ସହଭାଗୀମାନଙ୍କ ବ୍ଲୁ ପ୍ରିଣ୍ଟ ବୋଲି ରବିକାନ୍ତ କହିଛନ୍ତି। ବାଲ୍ୟ ବିବାହ ରୋକିବା ଦିଗରେ ୭ବର୍ଷ ହେବ ଉଦ୍ୟମ ଜାରି ରଖିଥିବା ଅଳକାଙ୍କୁ ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ (ଓଏସ୍‌ପିସିଆର୍) ସଦସ୍ୟା ସସ୍ମିତା ନନ୍ଦ କୃତଜ୍ଞତା ଜଣାଇଥିଲେ। ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ଆଲିଆନ୍ସର ଜାତୀୟ ଆବାହକ ରାଜୀବ ଭରଦ୍ୱାଜ ଏବଂ ସହଯୋଗୀ ପ୍ରତିନିଧି ଅମିୟ ଭୂଷଣ ପ୍ରଧାନ ସୁପ୍ରିମକୋର୍ଟଙ୍କ ଗାଇଡଲାଇନ୍ ବାଲ୍ୟବିବାହମୁକ୍ତ ଭାରତ ଅଭିଯାନକୁ ଶକ୍ତି ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ।




ଖବରଦାତା ସମ୍ମିଳନୀରେ ଅଳକା ସାହୁ ଏବଂ ଅନ୍ୟମାନେ ସୂଚନା ଦେଉଛନ୍ତି।

# ଅଧିକାରୀ ହେଡ୍‌କ୍ୱାର୍ଟର ନ ଛାଡ଼ିବାକୁ ନିର୍ଦ୍ଦେଶ

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ସମ୍ଭାବ୍ୟ ବାତ୍ୟା ଏବଂ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏନେଇ ସୋମବାର ଜିଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ଏକ ଆଭାସି ବୈଠକ ସମସ୍ତ ବିଭାଗୀୟ ଅଧିକାରୀ ଓ କ୍ଷେତ୍ର ଅଧିକାରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସଜାଗ ରହିବା ସହ ପ୍ରସ୍ତୁତି ଶେଷ କରିବାକୁ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯେଉଁମାନେ ଛୁଟିରେ ଅଛନ୍ତି, ସେମାନେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ବିନା ଅନୁମତିରେ କେହି ମୁଖ୍ୟାଳୟ ନ ଛାଡ଼ିବାକୁ ନିର୍ଦ୍ଦେଶ ରହିଛି। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଜିଲା ପ୍ରଶାସନ ସଜାଗ ରହିଛି। କେହି ଭୟଭୀତ ନ ହେବାକୁ ଜିଲାପାଳ ଜିଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଜିଲାର ୫୧ଟି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପ୍ରସ୍ତୁତ ରହିଛି। ଆବଶ୍ୟକ ପଡ଼ିଲେ ବାତ୍ୟାଶ୍ରୟସ୍ଥଳ ଏବଂ ସ୍ଥାନୀୟ ସ୍କୁଲ ଗୃହକୁ ବ୍ୟବହାର କରାଯିବ। ଏଥିନିମନ୍ତେ ଆନୁଷଙ୍ଗିକ ଭିତ୍ତିଭୂମି ସଜାଡ଼ିବା ପାଇଁ ବିଡିଓ ଓ ତହସିଲଦାରମାନଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପର୍ଯ୍ୟାପ୍ତ ମାତ୍ରାରେ ଶୁଖିଲା ଖାଦ୍ୟ, ପାନୀୟଜଳ, ଔଷଧ, ପ୍ରାଣୀଖାଦ୍ୟ ମହଜୁଦ ରହିଛି। ଏଥିସହିତ ଜରୁରିକାଳୀନ ସେବାକୁ ତ୍ୱରାନ୍ୱିତ କରାଯିବ। ଅଗ୍ନିଶମ, ବିଦ୍ୟୁତ୍, ଜଳ ଯୋଗାଣ, ସ୍ୱାସ୍ଥ୍ୟ, ଗ୍ରାମ୍ୟ ଉନ୍ନୟନ ଏବଂ ପୂର୍ତ୍ତ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ରହିବେ। ଯୋଗାଯୋଗ ଦୃଷ୍ଟିରୁ ଜିଲାରେ ଜରୁରିକାଳୀନ ସେବା ଯେପରି ଅବ୍ୟାହତ ରହିବ, ସେଥିପ୍ରତି ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ଜିଲା ଏବଂ ବ୍ଲକସ୍ତରରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବ। ଆସନ୍ନ ପ୍ରସବାମାନଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବ। ବରିଷ୍ଠ ଏବଂ ଶିଶୁଙ୍କ ଯତ୍ନ ଉପରେ ଗୁରୁତ୍ୱ ଦିଆଯାଇଛି। ଉପକୂଳ ଓ ତଳିଆ ଅଞ୍ଚଳରେ ରହୁଥିବା କଚ୍ଚାଘରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ। ଚାଷୀମାନେ ଅମଳ ଶସ୍ୟକୁ କ୍ଷେତରୁ ନେଇ ସୁରକ୍ଷିତ ସ୍ଥାନରେ ରଖିବେ। କୃଷି ଅଧିକାରୀମାନେ ନିଜ ଅଞ୍ଚଳରେ ଚାଷୀଙ୍କୁ ପରାମର୍ଶ ଦେବେ। ଡ୍ରୋନ କ୍ୟାମେରାରେ ଫଟୋ ଉଠାଯାଇ କ୍ଷୟକ୍ଷତି ଆକଳନ କରାଯିବ। ବିଦ୍ୟୁତ୍ ଏବଂ ଟେଲିକମ୍ ବିଭାଗ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ଅଗ୍ନିଶମ ବିଭାଗ ସେମାନଙ୍କ ଅତ୍ୟାଧୁନିକ ଯନ୍ତ୍ରପାତି ସହ ପ୍ରସ୍ତୁତ ରହିବେ। ପ୍ରାଣୀ ବିଭାଗ ଆବଶ୍ୟକ ଖାଦ୍ୟ ଓ ଭ୍ରାମ୍ୟମାଣ ଚିକିତ୍ସା ସୁବିଧା ପାଇଁ ପ୍ରସ୍ତୁତ ରହିବେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଣମାଧ୍ୟମ, ଜିଲା ସଂସ୍କୃତି ଅଧିକାରୀ ସୋସିଆଲ ମିଡିଆ ଏବଂ ଡେପୁଟି କଲେକ୍ଟର(ଜରୁରୀ) ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଜିଲା ଶିକ୍ଷା ଅଧିକାରୀ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ପରିସ୍ଥିତି ଦେଖି ବିଦ୍ୟାଳୟ ବନ୍ଦ ରଖିବାକୁ ପରାମର୍ଶ ଦେବେ। ଏଥିସହ ଓଡ୍ରାଫ ଟିମ୍ ପ୍ରସ୍ତୁତ ରହିବାକୁ ଜିଲାପାଳ କହିଛନ୍ତି। ବାତ୍ୟାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡ଼ିକରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ବ୍ଲକସ୍ତରରେ ବିଡିଓମାନେ ସ୍ଥାନୀୟ ପ୍ରତିନିଧିମାନଙ୍କ ସହ ଆଲୋଚନା କରି ପ୍ରସ୍ତୁତି କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ପାଣି ଟ୍ୟାଙ୍କର ସହ ପାଣି ବୋତଲ ମହଜୁଦ ରଖିବାକୁ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ, ଆର୍‌ଡବ୍ଲ୍ୟୁଏସ୍ଏସ୍‌ଙ୍କୁ ପରାମର୍ଶ ଦେଇଥିଲେ। ସିଡିଏମ୍ଓ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା, ପର୍ଯ୍ୟାପ୍ତ ମାତ୍ରାରେ ଓଆର୍ଏସ୍, ଔଷଧ, ଆମ୍ବୁଲାନ୍ସ ମହଜୁଦ ରଖିବେ। ଅଙ୍ଗନୱାଡ଼ି କେନ୍ଦ୍ରରେ ଗର୍ଭବତୀ ଏବଂ ଶିଶୁଙ୍କ ଖାଦ୍ୟ ମହଜୁଦ ରଖିବା ସହ ସେମାନଙ୍କ ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଏଡିଏମ୍(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର, ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

**ସମ୍ଭାବ୍ୟ ବାତ୍ୟାକୁ ନେଇ ଜିଲା ପ୍ରଶାସନର ପ୍ରସ୍ତୁତି**

- ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ
- ପ୍ରସ୍ତୁତ ରହିଛି ୫୧ ବାତ୍ୟାଶ୍ରୟସ୍ଥଳ
- ଡ୍ରୋନ୍‌ରେ ହେବ ଫସଲ କ୍ଷୟକ୍ଷତି ଆକଳନ




## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବୈଠକ



ବେଗୁନିଆ,୨୧।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କାର୍ଯ୍ୟାଳୟ ସଭାଗୃହ ପରିସରରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଲକ୍ଷ୍ମୀଧର ସାହୁଙ୍କ ସଭାପତିତ୍ୱରେ ତହସିଲଦାର ତାପସ ବିଶି, ଏବିଡିଓ ସୁମିତ୍ରା ଜେନା, ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ଆଚାର୍ଯ୍ୟ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁସ୍ମିତା ମିଶ୍ର, ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ସରିତା ଦାଶ, ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ ତପନ କୁମାର ମହାନ୍ତି, ଉପଖଣ୍ଡ ବିଦ୍ୟୁତ୍ ବିଭାଗ ଅଧିକାରୀ ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ସହକାରୀ ଉଦ୍ୟାନ ବିଭାଗ ଅଧିକାରୀ ଚିନ୍ମୟୀ ସାହୁ, କୃଷି ବିଭାଗ ଅଧିକାରୀ ଗଣେଶ୍ୱର ରଥଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାତ୍ୟା ମୁକାବିଲା ପାଇଁ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ଲୋକମାନଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ନେବା, ପ୍ରଚୁର ପରିମାଣର ଆବଶ୍ୟକ ଔଷଧ ମହଜୁଦ ରଖିବା, ରାସ୍ତାପାର୍ଶ୍ୱ ଉପୁଡ଼ି ପଡ଼ିଥିବା ଗଛକୁ କାଟିବା ଏବଂ ଧନଜୀବନ ରକ୍ଷା କରିବା ଆଦି ଦିଗରେ ଆଲୋଚନା ହୋଇଥିଲା।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୪ ନିମନ୍ତେ ପ୍ରସ୍ତୁତି ବୈଠକ ସୋମବାର ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେହୁରାଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ, କୃଷି, ସଂସ୍କୃତି ବିଭାଗର ଜିଲାସ୍ତରୀୟ ଅଧିକାରୀ, ଓଡ଼ିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ଜିଲାସ୍ତରୀୟ ଅଧିକାରୀ, ଜିଲା ସୂଚନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ମତ୍ସ୍ୟଚାଷୀ ଓ ପ୍ରାଣୀ ପାଳନ କରୁଥିବା ଚାଷୀଙ୍କ ସଚେତନତା ନିମନ୍ତେ ଅଧିକ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ଦିଗରୁ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ୨୦ ଓ ୨୧ ତାରିଖରେ ହାବେଳି ପଡ଼ିଆରେ ଏହି ମେଳା ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି।

## ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଲେ ଅଧିକାରୀ

ଜଟଣୀ,୨୧।୧୦(ରବୀନ୍ଦ୍ରନାଥ ମହାକୁଡ଼)

ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ଜଟଣୀ ବ୍ଲକ ପ୍ରଶାସନ ସଜାଗ ରହିଥିବା ବେଳେ ସମସ୍ତ ପ୍ରସ୍ତୁତି କରାଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ(ବିଡିଓ) ରଶ୍ମିତା ନାଥ ଏବଂ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ର ସୋମବାର ବାତ୍ୟାଶ୍ରୟସ୍ଥଳ ପରିଦର୍ଶନ କରିଥିଲେ। ଏହି ବ୍ଲକ ଅଧୀନ ପାଣ୍ଡିଆବିଲି, ଅଙ୍ଗାରପଡ଼ା ଏବଂ ପଦନପୁର ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିବା ସହ ବିଦ୍ୟୁତ୍ ସଂଯୋଗ ସହିତ ଆବଶ୍ୟକ ସାମଗ୍ରୀର ତଦାରଖ କରିଛନ୍ତି। ଆଶ୍ରୟସ୍ଥଳରେ ଲୋକଙ୍କୁ ଶୁଖିଲା ଏବଂ ରନ୍ଧାଖାଦ୍ୟ ପ୍ରଦାନର ବ୍ୟବସ୍ଥା ଏବଂ ପ୍ରାଣୀ ଖାଦ୍ୟର ବ୍ୟବସ୍ଥା କରାଯାଇଥିବା ବିଡିଓ ନାଥ କହିଛନ୍ତି। ସାଧାରଣ ଲୋକଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଇଛି। ଆବଶ୍ୟକ ସ୍ଥଳେ ବିଭିନ୍ନ ସ୍କୁଲ ଗୃହକୁ ବ୍ୟବହାର କରିବା ପାଇଁ ବିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଅଗ୍ନିଶମ ବିଭାଗ ଏବଂ ମେଡିକାଲ ଟିମ୍‌କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ସମୟରେ ଏବଂ ବାତ୍ୟା ପରବର୍ତ୍ତୀ ସମୟରେ ବର୍ଷା ହେତୁ ଗମନାଗମନ ପାଇଁ ପାଣ୍ଡିଆବିଲି ଠାରେ ଏକ ବୋଟ୍ ନିୟୋଜିତ ହୋଇଛି। ଆବଶ୍ୟକ ସ୍ଥଳେ ଓଡ୍ରାଫ୍‌ର ବୋଟ୍ ବ୍ୟବହାର କରାଯିବା ନେଇ ନିଷ୍ପତ୍ତି ହୋଇଛି। ମଙ୍ଗଳବାରଠାରୁ ସମ୍ଭାବ୍ୟ ବାତ୍ୟାକୁ ନେଇ ଡାକବାଜି ଯନ୍ତ୍ରରେ ଲୋକଙ୍କୁ ସତର୍କ କରାଯିବ ବୋଲି ନାଥ ସୂଚନା ଦେଇଛନ୍ତି।




ପ୍ରଶାସନିକ ଅଧିକାରୀମାନେ ବାତ୍ୟା ଆଶ୍ରୟସ୍ଥଳ ନିରୀକ୍ଷଣ କରିବା ସହ ଆଲୋଚନା କରୁଛନ୍ତି।



କାର୍ତ୍ତିକ ମାସ ପ୍ରଥମ ସୋମବାର ଅବସରରେ କୃଷ୍ଣପ୍ରସାଦର ଏକ ଶିବ ମନ୍ଦିର ପରିସରରେ ସଂକୀର୍ତ୍ତନ କରାଯାଉଛି। (ଫଟୋ: କୈଳାସ ଚନ୍ଦ୍ର ପଟ୍ଟନାୟକ)

**ସଂକ୍ଷେପରେ**

### ହାତୀ ଉପଦ୍ରବ: ଧାନଫସଲ ନଷ୍ଟ

ଟାଙ୍ଗୀ,୨୧।୧୦(ରଘୁନାଥ ସାହୁ)

ଟାଙ୍ଗୀ ବନାଞ୍ଚଳରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିଚାଲିଛି। ସୋମବାର ୨୨ ଟିକିଆ ହାତୀପଲ କ୍ଷେତରେ ପଶି ଧାନଫସଲ ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଥିବା ଜଣାପଡ଼ିଛି। କୁକୁଡାଝରି ଗ୍ରାମ ନିକଟ ଜମିରେ ହାତୀପଲଙ୍କ ଉପଦ୍ରବ ବୃଦ୍ଧିପାଇଛି। ଚାଷୀ ବିଜୟ କୁମାର ତାଡ଼, ଶେଷଦେବ ଜେନା, ପ୍ରଭାକର ଜେନା, ସର୍ବେଶ୍ୱର ତାଡ଼, ମଗୁଳି ତାଡ଼, ରବୀନ୍ଦ୍ର ବେହେରା, ଭାଗବତ ପରିଡ଼ା, ଅକ୍ଷୟ ମାର୍ଥାଙ୍କ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଛି। ବନ ବିଭାଗ କର୍ମଚାରୀଙ୍କ ଅବହେଳା ପାଇଁ ଧାନଫସଲ ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

### ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର, ଯୁବକ ଗିରଫ

ଜଟଣୀ,୨୧।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଘରେ ପଶି ମହିଳାଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଧୀନ ମଧୁସୂଦନ ନଗର ଅଞ୍ଚଳର ବାସୁ ଓରଫ୍ ବାସୁଦେବ ପଣ୍ଡା(୩୫)। ଅଭିଯୋଗ ମୁତାବକ, ଏହି ଥାନା ଅଞ୍ଚଳରେ ମା'ବାପାଙ୍କ ସହିତ ମହିଳାଜଣଙ୍କ ଭଡ଼ାଘରେ ରୁହନ୍ତି। ତେବେ ଅଭିଯୁକ୍ତଙ୍କଠାରୁ ମହିଳା ଜଣଙ୍କ କିଛି ଟଙ୍କା ଧାର ଆଣିବା ସହ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ଫେରସ୍ତ କରିଦେଇଥିଲେ। ଗତ ୧୬ ତାରିଖରେ ଅଭିଯୁକ୍ତ ଜଣଙ୍କ ମହିଳାଙ୍କ ଘରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଦୁର୍ବ୍ୟବହାର କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୪୨୮/୨୪)ରୁଜୁକରି ତଦନ୍ତ ଚଳାଇବାସହଅଭିଯୁକ୍ତଙ୍କୁଗିରଫକରିଥିଲା।

### ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

କୃଷ୍ଣପ୍ରସାଦ,୨୧।୧୦(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଟିଟିପ ଆନୁକୂଲ୍ୟରେ ଗୋମୁଣ୍ଡିଆ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳଠାରେ ଟିଟିପ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଆଶୁତୋଷ ସାହୁଙ୍କ ତତ୍ତ୍ୱାବଧାନରେ ଆୟୁଷ୍ମାନ୍ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡା. ସନ୍ତୋଷ ବେହେରା ଯୋଗଦେଇଥିଲେ। ଫାର୍ମାସିଷ୍ଟ ତପନ କୁମାର ତରାଇ, ଏଲ୍‌ଟି ଦେବାଶିଷ ବାରିକ, ଏଏନ୍ଏମ୍ ପ୍ରଭାତ ନଳିନୀ ଡିକ୍ରୁତି, ଯୋଗ ପ୍ରଶିକ୍ଷିକା ପିଙ୍କି ଜେନା, ବିଭୂତି ଭୂଷଣ ବିଶ୍ୱାଳ, ଜିତେନ୍ଦ୍ର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସେବା ଯୋଗାଇଥିଲେ। ଯୋଗ ପ୍ରଶିକ୍ଷିକା ପିଙ୍କି ଜେନାଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ବିଭିନ୍ନ ରୋଗର ନିରାକରଣ ପାଇଁ ଆବଶ୍ୟକ ଯୋଗାସନ ଓ ପ୍ରାଣାୟାମ ଏକଘଣ୍ଟା ଧରି ୪୦ରୁ ଉର୍ଦ୍ଧ୍ୱ ଅଭ୍ୟାସ କରିଥିଲେ। ଡା. ସାହୁଙ୍କ ଦ୍ୱାରା ଆୟୋଜିତ ଶିବିରରେ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିଲା। ୧୫୦ରୁ ଉର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ପ୍ରଦାନ କରାଯାଇଥିଲା।

## ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଜଟଣୀରେ ଆଳୁ କେଜି ୬୦

ଜଟଣୀ,୨୧।୧୦(ରବୀନ୍ଦ୍ରନାଥ ମହାକୁଡ଼)

ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଲୋକ ଆତଙ୍କିତ ହୋଇ ଅଧିକା କିଣାକିଣି କରୁଛନ୍ତି। ଏହାର ଫାଇଦା ଉଠାଇ କେତେଜଣ ଅସାଧୁ ବେପାରୀ ଦର ବଢ଼ାଇ ଦେଇଛନ୍ତି। ଫଳରେ ଜଟଣୀ ବଜାରରେ ଆଳୁ ଏକପ୍ରକାର ଉଭାନ୍ ହୋଇଯାଇଛି। ସୋମବାର ସକାଳେ ଜଟଣୀ ପରିବା ବଜାରର ହୋଲସେଲ ବ୍ୟବସାୟୀ ଆଳୁ କେଜି ପ୍ରତି ୨୮ଟଙ୍କାରେ ବିକ୍ରି କରୁଥିବା ବେଳେ ଖୁଚୁରା ବ୍ୟବସାୟୀ ୩୦ରୁ ୩୫ଟଙ୍କାରେ ବିକ୍ରି କରୁଥିଲେ। ତେବେ ସନ୍ଧ୍ୟାରେ ଖୁଚୁରା ବ୍ୟବସାୟୀ ଆଳୁ କେଜି ୬୦ରୁ ୭୦ଟଙ୍କା ଏବଂ ପିଆଜ କେଜି ୭୦ ଟଙ୍କାରେ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ଏନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ଏବଂ ସ୍ଥାନୀୟ ପ୍ରଶାସନ ଚଢ଼ାଉ କରି କଳାବଜାରୀ ରୋକିବା ପାଇଁ ସମାଜସେବୀ ପଦ୍ମଚରଣ ପ୍ରଧାନ ଦାବି କରିଛନ୍ତି। ସେହିପରି ଖାଉଟି ସୁବାଶିଷ ପରିଡା କହିଛନ୍ତି, ବାତ୍ୟା ପୂର୍ବରୁ ଜଟଣୀରେ କେତେଜଣ ଅସାଧୁ ବ୍ୟବସାୟୀ ଆଳୁ ଏବଂ ପିଆଜ କିଲୋ ପ୍ରତି ୬୦ ରୁ ୭୦ ଟଙ୍କାରେ ବିକ୍ରି କରୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ଲାଗି ଅନୁରୋଧ କରିଛନ୍ତି। ଅନ୍ୟପଟେ ଜଟଣୀ ପରିବା ବଜାରର ହୋଲସେଲ ବ୍ୟବସାୟୀ ମୃତ୍ୟୁଞ୍ଜୟ ସୁବୁଦ୍ଧି କହିଛନ୍ତି, ଲୋକେ ବାତ୍ୟାକୁ ଦୃଷ୍ଟିରେ ରଖି ବସ୍ତା ବସ୍ତା ଆଳୁ ନେବା ସହ ପିଆଜ ଅଧିକ ନେଉଛନ୍ତି। ଫଳରେ ବଜାରରେ ଆଳୁ ସରିଯାଇଛି। ଏହି ପରିସ୍ଥିତି ଦିନେ ଦୁଇଦିନ ମଧ୍ୟରେ ସମାଧାନ ହୋଇଯିବ।



ସମ୍ଭାବ୍ୟ ବାତ୍ୟା ପୂର୍ବରୁ ଦୋକାନରେ ଖାଉଟିଙ୍କ ଭିଡ଼।

## ୨୭ରୁ ଖୋର୍ଦ୍ଧା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ସିନିୟର ଇଣ୍ଟ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟ ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ସିନିୟର ଇଣ୍ଟ୍ରା କ୍ଲବ ଟୁର୍ନାମେଣ୍ଟ ଆସନ୍ତା ୨୭ ତାରିଖରୁ ଖୋର୍ଦ୍ଧା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଖେଳାଳି ଏବଂ କ୍ଲବମାନେ ୨୫ତାରିଖ ପୂର୍ବାହ୍ନ ୧୦ଟାରେ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମରେ ଉପସ୍ଥିତ ରହି ସେମାନଙ୍କର ନାମ ପଞ୍ଜୀକୃତ କରିବେ। ବୟସ ପ୍ରମାଣପତ୍ର (ଡିଜିଟାଲ) ଏବଂ ଆଧାରକାର୍ଡ ସହିତ ଉପସ୍ଥିତ ରହିବେ। ଏହି ଟୁର୍ନାମେଣ୍ଟରୁ କଳାହାଣ୍ଡି କପ୍ ପାଇଁ ଖୋର୍ଦ୍ଧା ଜିଲା ଦଳ ଗଠନ କରାଯିବ ବୋଲି ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

## ୨୮୦ ଅଭିଯୋଗ ଶୁଣିଲେ ଜିଲାପାଳ

ଖୋର୍ଦ୍ଧା,୨୧।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ଗଡ଼ହଳଦିଆ ପଞ୍ଚାୟତରେ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୨୮୦ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା। ସେଥିରୁ ୨୫୨ଟି ବ୍ୟକ୍ତିଗତ, ୨୪ଟି ବିଭିନ୍ନ ଗ୍ରାମର ସାମୂହିକ ସମସ୍ୟା ରହିଥିବା ବେଳେ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଜନଶୁଣାଣି ଶିବିରରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ କସ୍ତୁରୀବାଳା ଜେନା, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ଗଡ଼ହଳଦିଆ ସରପଞ୍ଚ ବନିତା ବେହେରା, ସମିତିସଭ୍ୟା ସୁକାନ୍ତି ବେହେରା, ସିଡିଏମ୍ଓ ରାଜଶ୍ରୀ ପଟ୍ଟନାୟକ, ବିଡିଓ କ୍ଷୀରାବ୍ଧି ତନୟା ସାହୁ, ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କ ଦ୍ୱାରା ବର୍ଜ୍ୟବସ୍ତୁରେ ନିର୍ମିତ ପ୍ରଦର୍ଶନୀକୁ ଜିଲାପାଳ ଏବଂ ଅନ୍ୟମାନେ ବୁଲି ଦେଖିଥିଲେ। ସିଡିପିଓ ପରିଚାଳନା କରିଥିବା ବେଳେ ସମସ୍ତ ଅଙ୍ଗନୱାଡ଼ି ଓ ଆଶା କର୍ମୀ, ସୁପରଭାଇଜରମାନେ ଉପସ୍ଥିତ ଥିଲେ।




## ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ବାର୍ଷିକ ଅଧିବେଶନ

ଟାଙ୍ଗୀ,୨୧।୧୦(ରଘୁନାଥ ସାହୁ)

ଅଷ୍ଟମ ରାଜ୍ୟ ତୈଳିକ ବୈଶ୍ୟ ସାଧବ ସମାଜର ୪୫ତମ ବାର୍ଷିକ ଅଧିବେଶନ ବାଣପୁର ରାଜ୍ୟସ୍ଥିତ ବାବା ବୁଖାରୀ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଅଷ୍ଟମ ରାଜ୍ୟ ସଭାପତି ରଘୁନାଥ ସାହୁ ସ୍ୱଜାତୀୟ ପତାକା ଉତ୍ତୋଳନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରାୟ ବାର୍ଷିକ ବିବରଣୀ ଏବଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମଙ୍ଗଳାଯୋଡ଼ି ରାଜ୍ୟ ସଭାପତି ବିରଞ୍ଚି ନାରାୟଣ ସାହୁ ବାର୍ଷିକ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଅଷ୍ଟମ ରାଜ୍ୟ ଉପଦେଷ୍ଟା (ଚାନ୍ଦପୁର) ରଘୁନାଥ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ଓ ପୂର୍ଣ୍ଣଚନ୍ଦ୍ର ସାହୁ ସଙ୍ଗଠନକୁ ସୁଦୃଢ଼ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ୪ ଜଣ କୃତୀ ଛାତ୍ରୀଛାତ୍ର ଶ୍ରୀୟା ସାଇକା ସାହୁ (ମୁଗମଣ୍ଡା), ଜ୍ୟୋତିର୍ମୟୀ ସାହୁ (ଓଲସିଂହ), ପ୍ରିୟାଂଶୁ ଶେଖର ସାହୁ (ମୁଗମଣ୍ଡା), ଲିସା ପ୍ରିୟଦର୍ଶିନୀ ସାହୁ (ଗୋଡିପଦର)ଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ବାଲୁଗାଁ ଅନ୍ନପୂର୍ଣ୍ଣା ନଗରର ମନମୋହନ ସାହୁ ୩୬୨ତମ ସ୍ଥାନ ହାସଲ କରିଥିବାରୁ ଅଷ୍ଟମ ରାଜ୍ୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତାବର୍ଷ ସ୍ୱଜାତୀୟ ସଂଶୋଧିତ ସମ୍ବିଧାନ ପ୍ରକାଶ କରିବା ପାଇଁ ନିଷ୍ପତ୍ତି ହୋଇଥିଲା।

ଅଷ୍ଟମ ରାଜ୍ୟ ଅନ୍ତର୍ଗତ ସମସ୍ତ ଗ୍ରାମୀଣଙ୍କୁ ପରିଚୟପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଭ୍ରାତୃତ୍ୱ ଭାବ ବୃଦ୍ଧି, ମହିଳାମାନଙ୍କୁ ସଙ୍ଗଠନରେ ସାମିଲ କରିବା, ସୁଖଦୁଃଖରେ ସହଯୋଗ କରିବା, ଅସହାୟଙ୍କୁ ସହାୟତା, ଗରିବ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଉଚ୍ଚ ଶିକ୍ଷା ପଢ଼ିବାର ବ୍ୟବସ୍ଥା କରିବା ପାଇଁ ଅତିଥିମାନେ ମନ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅଷ୍ଟମ ରାଜ୍ୟର ପୂର୍ବତନ ସଭାପତି ସୁରେଶ କୁମାର ସାହୁ, ଉପସଭାପତି ସୁଶାନ୍ତ କୁମାର ସାହୁ, ନଇରୀ ରାଜ୍ୟ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ଦିଲୀପ କୁମାର ସାହୁ, ମଙ୍ଗଳାଯୋଡ଼ି ସମ୍ପାଦକ ପ୍ରଦୀପ କୁମାର ସାହୁ, ରଣପୁର ସମ୍ପାଦକ ବିଜୟ କୁମାର ସାହୁ, ସିକୋ ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ବିଚିତ୍ରାନନ୍ଦ ସୁବୁଦ୍ଧି, ସରପାରୀ ସଭାପତି ପ୍ରଭାକର ସାହୁ, ସମ୍ପାଦକ ବିଜୟ କୁମାର ସାହୁ, ମୁଗମଣ୍ଡା ସଭାପତି ପ୍ରଭାତ କୁମାର ସାହୁ, ସମ୍ପାଦକ ମାଧବ ଚନ୍ଦ୍ର ସାହୁ, ଗୋଡ଼ିପଦର ସଭାପତି ସୁକାନ୍ତ କୁମାର ସାହୁ, ବାଣପୁର ରାଜ୍ୟ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସୁବୁଦ୍ଧି, ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ସଂଗ୍ରାମ କେଶରୀ ସାହୁ, ଅବସରପ୍ରାପ୍ତ ଶିକ୍ଷକ ବୈରାଗୀ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ସଭାରେ ୫୦୦ରୁ ଉର୍ଦ୍ଧ୍ୱ ତୈଳିକ ବୈଶ୍ୟ ସାଧବ ସମାଜର ଭାଇମାନେ ଉପସ୍ଥିତ ଥିଲେ। ଦିବଂଗତ ଭାଇ ଓ ଭଉଣୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଅଭ୍ୟର୍ଥନା କମିଟି ସଭାପତି ସୁଦର୍ଶନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଷ୍ଟମ ରାଜ୍ୟ ସହସମ୍ପାଦକ ଭିକାରି ଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଆସନ୍ତା ଦୁଇ ବର୍ଷ ପାଇଁ ସର୍ବସମ୍ମତିକ୍ରମେ ସଭାପତିଭାବେ ରଘୁନାଥ ସାହୁ, ଉପସଭାପତି ସୁଶାନ୍ତ କୁମାର ସାହୁ, ସାଧାରଣ ସମ୍ପାଦକ ଭାଗୀରଥି ସାମନ୍ତରା, ସହସମ୍ପାଦକ ଭିକାରି ଚରଣ ସାହୁ, ଯୁଗ୍ମ ସମ୍ପାଦକ ଭଞ୍ଜ କିଶୋର ସାହୁ, ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ଅରବିନ୍ଦ ସାହୁ ନିର୍ବାଚିତ ହୋଇଥିଲେ। ଆସନ୍ତା ବର୍ଷ ନଇରୀ ରାଜ୍ୟରେ ମହାସଭା ହେବା ପାଇଁ ସ୍ଥିର ହୋଇଛି।




ଅଧିବେଶନରେ ଉପସ୍ଥିତ କର୍ମକର୍ତ୍ତା ଏବଂ ଅନ୍ୟମାନେ।

# ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ



ବୈଠକରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସମେତ ଅନ୍ୟଅଧିକାରୀ ବୃନ୍ଦ ।

## ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

- ତଳିଆ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ
- ଭୟଭୀତ ନ ହେବାକୁ ଜିଲାପାଳଙ୍କ ଅନୁରୋଧ

ପୁରୀ,୨୧।୧୦(ଅଜିତ୍ କୁମାର ମହାନ୍ତି)

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ବାତ୍ୟା ଦ୍ୱାରା ଯେପରି ଧନଜୀବନ ହାନିକୁ ରୋକାଯାଇପାରିବ ସେଥିପ୍ରତି ସତର୍କ ରହିବାକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓସ୍ୱାନ ପ୍ଲାଟଫର୍ମରେ ଆଭାସୀ ମାଧ୍ୟମରେ ବାତ୍ୟା ମୁକାବିଲା ପାଇଁ ସୋମବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ କହିଛନ୍ତି, ଏହି ବାତ୍ୟା ଓଡ଼ିଶା ଉପକୂଳରେ ଲ୍ୟାଣ୍ଡଫଲ କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଆମକୁ ଅଧିକ ସତର୍କ ଓ ସଚେତନ ହେବାର ଆବଶ୍ୟକତା ରହିଛି। ସମସ୍ତ ବିଭାଗ ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ପରିଚାଳନା କରି ଧନଜୀବନ ହାନିକୁ ରୋକିବାରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ବିଡିଓ ଓ ତହସିଲଦାର ସେମାନଙ୍କ ଅଞ୍ଚଳର ଖାଲୁଆ ଓ ତଳିଆ ଅଞ୍ଚଳକୁ ଚିହ୍ନଟ କରି ଆବଶ୍ୟକସ୍ଥଳେ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ସେହିପରି କଚ୍ଚା ଘର, ଚାଳ ଓ ମାଟି ଘର ଲୋକମାନଙ୍କୁ ମଧ୍ୟ ନିରାପଦ ସ୍ଥାନକୁ ନେବାକୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଜିଲା ପ୍ରଶାସନ ସମସ୍ତ କାର୍ଯ୍ୟକୁ ଅତି ଗୁରୁତ୍ୱର ସହ ପରିଚାଳନା କରୁଛି। ଜନସାଧାରଣ ସତର୍କ ଓ ସଚେତନ ରହିବା ସହ ଅଯଥା ଭୟଭୀତ ନ ହେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ବାତ୍ୟା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ୍ କରାଯାଇଛି। ପଲିଥିନ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ, ଗୋ-ଖାଦ୍ୟ ଇତ୍ୟାଦି ମହଜୁଦ ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାରେ ଗଛ ଭାଙ୍ଗି ରାସ୍ତା ଅବରୋଧ ହେଲେ ତୁରନ୍ତ ତାହାକୁ ଅପସାରଣ କରିବା, ବନ୍ୟା ହେଲେ ଲୋକଙ୍କୁ ସହାୟତା କରିବା ପାଇଁ ଅଗ୍ନିଶମ, ଓଡ୍ରାଫ୍ ଓ ଏନ୍‌ଡିଆରଏଫ୍ ଟିମ ପ୍ରସ୍ତୁତ ରହିଛନ୍ତି। ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସରକାରୀ କର୍ମଚାରୀ ପରସ୍ପର ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି। ୧୧ଗୋଟି ବ୍ଲକ ମଧ୍ୟରୁ ଉପକୂଳବର୍ତ୍ତୀ ଅସ୍ତରଙ୍ଗ, କାକଟପୁର, ଗୋପ, ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକକୁ ଅତ୍ୟଧିକ ବାତ୍ୟାପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଜିଲାରେ ୧୭୯ଟି ବାତ୍ୟା ଆଶ୍ରୟସ୍ଥଳ ରହିଛି। ନିକଟରେ ପ୍ରସବ କରିବାକୁ ଥିବା ୮୫୬ ଗର୍ଭବତୀଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କୁ ଚିକିତ୍ସାଳୟକୁ ଅଣାଯିବ।

ବୈଠକରେ ଏସ୍‌ପି ବିନୀତ ଅଗ୍ରୱାଲ, ଡିଏଫ୍‌ଓ ବିବେକ କୁମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲାପାଳ ଗୋପୀନାଥ କୁଅଁର, ପୌରନିର୍ବାହୀ ଅଭିମନ୍ୟୁ ବେହେରା, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ଜରୁରୀ ବିଭାଗ ଅଧିକାରୀ ମନୀଷା ଷଡ଼ଙ୍ଗୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବେଳାଭୂମିରେ ଲାଗିଲା ରେଡ୍ ଫ୍ଲାଗ

ପୁରୀ,୨୧।୧୦(ଅଜିତ୍ କୁମାର ମହାନ୍ତି)

ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ବାତ୍ୟା 'ଦାନା'କୁ ନେଇ ପୁରୀ ଜିଲା ପ୍ରଶାସନ ପ୍ରସ୍ତୁତି ଜାରି ରଖିଛି। ଆଇଏମ୍‌ଡି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବାତ୍ୟା ପୁରୀ ଉପକୂଳଠାରୁ ସାଗର ଦୀପ ମଧ୍ୟରେ ସ୍ଥଳଭାଗ ଛୁଇଁପାରେ। ତେବେ ବାତ୍ୟାର ପ୍ରଭାବ କେତେ ରହିବ, ସେ ନେଇ ଉପକୂଳ ବାସିନ୍ଦାଙ୍କ ମନରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଥିବା ବେଳେ ଏହାକୁ ନେଇ ଲୋକଙ୍କ ମନରେ ଛନକା ଦେଖାଦେଇଛି। ଜିଲାରେ ବାତ୍ୟାକୁ ନେଇ ଲୋକଙ୍କ ମଧ୍ୟରେ ନାନା ଆଶା ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ବାତ୍ୟା ମୁକାବିଲା ପାଇଁ ପୁରୀ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଏସ୍ଆରସିଙ୍କ ନିର୍ଦ୍ଦେଶ ପରେ ଜିଲାର ସବୁ ତହସିଲଦାର, ବିଡିଓ ଓ ଥାନା ଅଧିକାରୀଙ୍କୁ ଆଲର୍ଟରେ ରଖାଯାଇଛି। ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ଆବଶ୍ୟକସ୍ଥଳେ ଲୋକଙ୍କ ରହିବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ହେବାକୁ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ମାଛ ମାରିବାକୁ ଯିବା ଉପରେ କଟକଣା ଲଗାଯାଇଛି।

ବାତ୍ୟା ପ୍ରଭାବରେ ସମୁଦ୍ର ଅଶାନ୍ତ ଥିବାରୁ କୌଣସି ଅଘଟଣ ଯେଭଳି ନ ହୁଏ ପର୍ଯ୍ୟଟକମାନେ ସମୁଦ୍ରରେ ନ ଗାଧୋଇବାକୁ ସଚେତନ କରାଯାଉଛି। ପୁରୀ ସମୁଦ୍ର କୂଳରେ ନାଲି ପତାକା ଲଗାଯାଇ ଲୋକଙ୍କୁ ସତର୍କ ସୂଚନା ଦିଆଯାଇଛି। ଅପରପକ୍ଷରେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହୁଥିବା ପରିଲକ୍ଷିତ ହେଉଛି।



ଏନେଇ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି, ସମ୍ଭାବ୍ୟ ବାତ୍ୟା ପାଇଁ ଆଇଏମ୍‌ଡି ଯେଉଁ ପୂର୍ବାନୁମାନ କରିଛି, ସେଥିପାଇଁ ପୁରୀ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଦେଇଛି। ବାତ୍ୟା ମୁକାବଲା ପାଇଁ ପ୍ରଶାସନ ପ୍ରସ୍ତୁତ ରହିଛି। ୨୬ ତାରିଖ ଯାଏ ସମୁଦ୍ରରେ ମାଛ ନ ମାରିବାକୁ ମତ୍ସ୍ୟଜୀବୀଙ୍କୁ ସୂଚନା ଦିଆଯାଇଛି। ଜିଲାରେ ଥିବା ୧୭୯ଟି ବାତ୍ୟା ଆଶ୍ରୟସ୍ଥଳୀକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରଖାଯାଇଛି। ଏସଆର୍‌ସିଙ୍କ ଯାହା ନିର୍ଦ୍ଦେଶନାମା ଆସିବ ତାହାକୁ ଆମେ କାର୍ଯ୍ୟକାରୀ କରାଇବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ।

# ରୋଗୀ, ଗର୍ଭବତୀଙ୍କ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ପରାମର୍ଶ



ସାମୁଦ୍ରିକ ବାତ୍ୟା 'ଦାନା' ପାଇଁ ସତ୍ୟବାଦୀ ବ୍ଲକରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ସାମୁଦ୍ରିକ ବାତ୍ୟା ନେଇ ପ୍ରସ୍ତୁତି ବୈଠକ

ସାକ୍ଷୀଗୋପାଳ,୨୧।୧୦
(ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ଦାନା' ନିମନ୍ତେ ସାକ୍ଷୀଗୋପାଳ ସଦ୍‌ଭାବନା ଗୃହରେ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ବାତ୍ୟା ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ପ୍ରଶାସନର କାର୍ଯ୍ୟ କିଭଳି ରହିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା। ପୁରୀ ଉପଜିଲାପାଳ ଗୋପୀନାଥ କୁଅଁର ଏଥିରେ ଅଧ୍ୟକ୍ଷତା କରିଥିଲେ। ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିରଜା ଶଙ୍କର ରଥ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମହାରଣା, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ବିଡିଓ ଲିପ୍ସା ରାୟ, ଅଗ୍ନିଶମ ବିଭାଗ ଅଧିକାରୀ, ମହିଳା ଓ ଶିଶୁ ବିକାଶ ଅଧିକାରୀ ରାଜଲକ୍ଷ୍ମୀ ଦାସଙ୍କ ସହ ଅନ୍ୟ ସମସ୍ତ ବିଭାଗର ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବାତ୍ୟା ଆଶ୍ରୟସ୍ଥଳ ଠିକ୍ ପରିଚାଳନା, ବିଦ୍ୟୁତ୍, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟସେବା, ରିଲିଫ୍ ପରିଚାଳନା, ଗୃହପାଳିତ ପଶୁଙ୍କ ଯତ୍ନ, ବାତ୍ୟାରେ ବଡ଼ ବଡ଼ ବୃକ୍ଷ ଉପୁଡ଼ିବା ଯୋଗୁ ରାସ୍ତା ଅବରୋଧ ହଟାଇବା, ରୋଗୀ, ବୟସ୍କ ବ୍ୟକ୍ତି, ଛୋଟ ପିଲା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଉପରେ ତୀକ୍ଷ୍ଣ ନଜର ଦେବା ସହ ଜିରୋ କାଜୁଆଲ୍‌ଟିକୁ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ଉପଜିଲାପାଳ କୁଅଁର ନିର୍ଦ୍ଦେଶ ଦେଇଛନ୍ତି। ବାତ୍ୟା ସମୟରେ କଳାବଜାରୀଙ୍କ ପ୍ରାଦୁର୍ଭାବ ରୋକିବାକୁ ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ ସୋମବାର ସନ୍ଧ୍ୟାରେ ସାକ୍ଷୀଗୋପାଳ ବଜାରରେ ପାଟ୍ରୋଲିଂ କରି ବ୍ୟବସାୟୀଙ୍କୁ ସତର୍କ କରାଇଛନ୍ତି। ବାତ୍ୟା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ କରି ପ୍ରଶାସନ ସହିତ ମିଳିମିଶି କାର୍ଯ୍ୟ କଲେ ବାତ୍ୟା ସମୟରେ ସୃଷ୍ଟି ହେଉଥିବା ସମସ୍ୟା ଶୀଘ୍ର ସମାଧାନ ହେବ ବୋଲି ତହସିଲଦାର ଦେହୁରୀ, ବିଡିଓ ରାୟ ଓ ଆଇଆଇସି ଉମେଶ ସାହୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧୦।୨୦୨୪

| ୪,୫୪,୯୬୪ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## 'ସୁରଭି' ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣ ପ୍ରଦର୍ଶନର ମୂଳ ଲକ୍ଷ୍ୟ

ଅସ୍ତରଙ୍ଗ,୨୧।୧୦(ପ୍ରଦୀପ୍ତ ଦୀକ୍ଷିତ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ ।

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ସୁରଭିର ମୂଳଲକ୍ଷ୍ୟ ବୋଲି ଅସ୍ତରଙ୍ଗ ବ୍ଲକ ଅଧୀନ ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ମଣ୍ଡଳସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଆରତି ନାୟକ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠିତ ବିତର୍କ, ବକ୍ତୃତା, ସଙ୍ଗୀତ, ନୃତ୍ୟ, ସୃଜନାତ୍ମକ ଲିଖନ, ହସ୍ତାକ୍ଷର, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାରେ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ମୁଖ୍ୟବକ୍ତା ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମ୍ମାନିତ ଅତିଥି ମଣ୍ଡଳ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା, ଅନ୍ୟତମ ଅତିଥିଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ସୁଧାଂଶୁବାଳା ଶତପଥୀ, ସାଧନ ସଂଯୋଜକ ରବୀନ୍ଦ୍ର ପରିଡ଼ା, ସନ୍ତୋଷ ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବହିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରୀଛାତ୍ର ଆଗାମୀ ଜିଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗନେବେ ବୋଲି ସାଧନ ସଂଯୋଜକ ପରିଡ଼ା ପ୍ରକାଶ କରିଛନ୍ତି।

## ଗୋଚର ଜମିରୁ ମାଟି ଉଠାଇ ଠିକାଦାର ମାଲାମାଲ

ଯୋଗେଶ୍ୱରପୁର,୨୧।୧୦(ରଶ୍ମିରଞ୍ଜନ ସାହୁ)

ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା ସୁଆଣପୁରଠାରୁ ପଣପଣା ଦେଢ଼ କି.ମି. ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ପ୍ରାୟ ଦେଢ଼ କୋଟି ଟଙ୍କାର କାର୍ଯ୍ୟକୁ କରୁଥିବା ଠିକାଦାର ରାସ୍ତାରେ ବାଲି ପରିବର୍ତ୍ତେ ମାଟି ପକାଇ ତା' ଉପରେ ଡଷ୍ଟ ଗୁଣ୍ଡ ଦେଇ ରାସ୍ତା ନିର୍ମାଣ କରୁଥିବାରୁ କାମ ନିମ୍ନମାନର ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାର ୨ ପାର୍ଶ୍ୱରେ ଆଡ଼ିବନ୍ଧ ନିର୍ମାଣ କରିବାକୁ ମାଟିର ଆବଶ୍ୟକ ଥିବାବେଳେ ଠିକାଦାର ବାହାରୁ ମାଟି ନ କିଣି ରାସ୍ତା ପାର୍ଶ୍ୱରେ ଥିବା ସୁଆଁଣପୁର ମୌଜାର ମେଶିନ ଦ୍ୱାରା ମାଟି ତାଡ଼ି ରାସ୍ତା କାର୍ଯ୍ୟରେ ଲଗେଇଥିଲେ। ଗୋଚର ଜମି ଖାଲ ହୋଇଥିବାରୁ ସେଥିରେ ମାଟି ଭରିବାକୁ ଅଞ୍ଚଳବାସୀ ଦାବି କରିଥିଲେ ମଧ୍ୟ ଠିକାଦାର ଶୁଣି ନ ଥିଲେ। ସରକାରୀ ଜାଗାରୁ ବିନା ରାଜସ୍ୱରେ ମାଗଣା ମାଟି ଆଣି ଠିକାଦାର ମାଲାମାଲ ହେଉଥିବା ଜଣାପଡ଼ିଛି।

## ବେଳାଭୂମିରେ ହେବ ଜାତୀୟ ଲୋକମେଳା, କୃଷିମେଳା

### ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପ୍ରସ୍ତୁତି ବୈଠକ

ପୁରୀ,୨୧।୧୦(ଅଜିତ୍ କୁମାର ମହାନ୍ତି)

ଚଳିତବର୍ଷ ଜାତୀୟ ଲୋକମେଳା ଓ କୃଷିମେଳା ପୁରୀ ବେଳାଭୂମିଠାରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ସୋମବାର ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ମିନି କନ୍‌ଭେନସନ ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଡିସେମ୍ବର ୨ରୁ ୬ତାରିଖ ପର୍ଯ୍ୟନ୍ତ ପାଞ୍ଚଦିନ ବ୍ୟାପୀ ଜାତୀୟ ୨୨ତମ ଲୋକ ମେଳା ଓ ୧୫ତମ କୃଷି ମେଳା ଅନୁଷ୍ଠିତ ହେବା ନେଇ ସ୍ଥିର କରାଯାଇଛି।

ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ବୈଠକରେ ପ୍ରାକ୍ତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଉପଦେଷ୍ଟା ଡ. ଦେବେନ୍ଦ୍ର ନାଥ ତରେଇ, ଶଙ୍କର୍ଷଣ ପରିଡ଼ା, ଅନୁଷ୍ଠାନର ଉପାଧ୍ୟକ୍ଷ ଭରତ ନାୟକ, ଅନୁଷ୍ଠାନର ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ସାମନ୍ତରା, ସନ୍ତୋଷ ମହାନ୍ତି, ଭବାନୀ ଦାସ ମହାପାତ୍ର, ବିଶ୍ୱନାଥ ମିଶ୍ର, ହେକ୍ଟର ମିଶ୍ର, ବିଦ୍ରୋହ ସିଂ, ରିତେଶ କୁମାର ମହାନ୍ତି, ଅନୁଷ୍ଠାନର ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ, ଶ୍ୟାମପ୍ରକାଶ ସେନାପତି, ଶିବସୁନ୍ଦର ମିଶ୍ର, ଦେବେନ୍ଦ୍ର ମହାପାତ୍ର ପ୍ରମୁଖ ଉତ୍ସବକୁ ସଫଳ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

ଖୁବ୍‌ଶୀଘ୍ର ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ରଙ୍କ ନେତୃତ୍ୱରେ ପୁରୀରୁ ଏକ ଉଚ୍ଚସ୍ତରୀୟ କମିଟି ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ୍ ଓରାମଙ୍କ ସହ ଭେଟି ଆଲୋଚନା କରିବେ। ରାଜ୍ୟ କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଭେଟି ଏହି କାର୍ଯ୍ୟକ୍ରମ ପାଇଁ ଆଲୋଚନା କରିବେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସହ ରାଜ୍ୟପାଳ ରଘୁବର ଦାସ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ ବୋଲି ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## ବାଇକ୍ ଧକ୍କାରେ ଭିନ୍ନକ୍ଷମ ଯୁବକଙ୍କ ଗୋଡ଼ ଭାଙ୍ଗିଲା

ବଳଙ୍ଗା,୨୧।୧୦(କେଦାରେଶ୍ୱର ନନ୍ଦ):

ଏକ ବାଇକ୍ ଧକ୍କାରେ ବଳଙ୍ଗା ଥାନା ଅଧୀନ ବିରାଟସାହି ଗ୍ରାମର ଭିନ୍ନକ୍ଷମ କାହ୍ନୁ ବାରିକ ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ୨୮୬/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କାହ୍ନୁଙ୍କ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୨୨ରେ ବଳଙ୍ଗା ବଜାରରୁ କାମ ସାରି ରାତିରେ ଘରକୁ ଫେରୁଥିଲେ। ଗାଁମୁଣ୍ଡ ପୂର୍ବରୁ ସାତସଙ୍ଖ ପଟୁ ମୈଜିବେଗ ଗ୍ରାମର ଗୁଡୁ ଦାସଙ୍କ ସହ ୨ ଜଣ ଲୋକ ଏକ ବାଇକ୍ (ଓଡି ୧୩ ଏଲ୍ ୨୨୧୮)ରେ ଆସି ତାଙ୍କୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଦୁର୍ଘଟଣାରେ ତାଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହ ଶରୀରର ଅନେକ ଅଂଶ ଖଣ୍ଡିଆ ଖାବରା ହୋଇଛି। ତାଙ୍କ ଗୋଡ଼ କଟାହେବ ବୋଲି ଡାକ୍ତର କହୁଛନ୍ତି। ତାଙ୍କର କେହି ନ ଥିବାରୁ ସେ ବାଧ ହୋଇ ଏନେଇ ଅଭିଯୋଗ କରିଥିବା କହିଛନ୍ତି।

## ଜାତୀୟ ସମବାୟ ଉନ୍ନୟନ ସହାୟତାରେ ମତ୍ସ୍ୟଚାଷ କର୍ମଶାଳା

ପୁରୀ,୨୧।୧୦(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରି ବ୍ଲକ ଯୁଧିଷ୍ଠିର ପୀଠରେ ଥିବା ପଦ୍ମ ଉଦୟ ଜୀବିକା ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ କାର୍ଯ୍ୟାଳୟ ପରିସରରେ ଭାରତ ସରକାରଙ୍କ ଜାତୀୟ ସମବାୟ ଉନ୍ନୟନ ନିଗମ ସହାୟତାରେ ଏକ ମତ୍ସ୍ୟଜୀବୀ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ବରିଷ୍ଠ ସଦସ୍ୟା ତଥା ନାରୀ ସଂଗଠିକା ବିଷ୍ଣୁପ୍ରିୟା ସ୍ୱାଇଁଙ୍କ ସଭାପତିତ୍ୱରେ କର୍ମଶାଳାକୁ ନିଗମର ନୋଡାଲ ଅଫିସର ପରମାନନ୍ଦ ପ୍ରଧାନ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଥିବା ମହିଳାଙ୍କର ଆର୍ଥିକ ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସରକାରଙ୍କର ପ୍ରଥମ ଲକ୍ଷ୍ୟ ଏବଂ ମତ୍ସ୍ୟ ଚାଷ ଏହି ବ୍ୟବସ୍ଥାର ଏକ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଂସ୍ଥାପକ ଉମାକାନ୍ତ ମହାନ୍ତି ବିଗତ ଦିନଗୁଡ଼ିକରେ ଅଞ୍ଚଳର ଜନସାଧାରଣଙ୍କ ପାଇଁ କମ୍ପାନୀ କରିଥିବା କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦୦ ମହିଳା ଯୋଗ ଦେଇଥିଲେ। କର୍ମଶାଳାରେ ଭୁବନପୁର ପଞ୍ଚାୟତ ସମିତିସଭ୍ୟ ତ୍ରିନାଥ ପଲେଇ, ସାମ୍ବାଦିକା ଲକ୍ଷ୍ମୀପ୍ରିୟା ଦେ, ନାରୀ ସଂଗଠିକା ନମିତା ମଞ୍ଜରୀ ଶତପଥୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସପନ କୁମାର ଜେନା, ବିଦ୍ୟାଧର ସାମନ୍ତରାୟ, ଶ୍ରୀନିବାସ ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦଳାଇ, ମଞ୍ଜୁଲତା ବେହେରା, ସୋନାଲି ବିଶ୍ୱାଳ, ଜୟନ୍ତ କୁମାର ରାଉତରାୟ, ଦେବାଶିଷ ଦାଶ ଓ ସାମ୍ବାଦିକ ଲଲାଟେନ୍ଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କମ୍ପାନୀର ସିଇଓ ସଞ୍ଜୟ ମଲିକ ଧନ୍ୟବାଦ ଦେଇଥିଲେ।

# ୪ କରତକଳରେ ବନ ବିଭାଗର ଚଢ଼ାଉ

### ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ

କାକଟପୁର/ଅସ୍ତରଙ୍ଗ,୨୧।୧୦
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ପୁରୀ ଜିଲା ଅସ୍ତରଙ୍ଗ ବନାଞ୍ଚଳ ଅଧୀନ କଟକଣା, କୋରୁଆଲପାଞ୍ଚଣ, ଲତାହରଣ ଓ ବାଲିକୂଳ ଅଞ୍ଚଳରେ ଚାଲୁଥିବା ବେଆଇନ କରତକଳ ଉପରେ ସୋମବାର ଜିଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ସୋମବାର ସକାଳ ୬ଟାରୁ କାକଟପୁର ମୋତି କଲ୍ୟାଣୀମଣ୍ଡପ ସାମ୍ନା କରତକଳ ଉପରେ ଚଢ଼ାଉ କରିଥିବା ବେଳେ ସେଠାରୁ ମୂଲ୍ୟବାନ ଚାକୁଣ୍ଡା ଓ ଆକାଶିଆ କାଠ ଜବତ ହେବା ସହ ବିଭିନ୍ନ ଯନ୍ତ୍ରାଂଶକୁ ଗ୍ୟାସ୍‌କଟର ମାଧ୍ୟମରେ କଟାଯାଇଥିଲା। ପୋକଲିନ୍ ସାହାଯ୍ୟରେ ଏହି ମେଶିନକୁ ଉଠାଇ ନିଆଯାଇଥିବା ବେଳେ ବହୁ ପରିମାଣର କାଠ ଲଗ୍‌ଗୁଡ଼ିକ ସିଜ୍ କରାଯାଇଥିଲା। ଏହାପରେ ବନବିଭାଗ ଟିମ୍, ପୋଲିସ ମିଳିତ ଭାବେ ଲତାହରଣ ଓ କୋରୁଆଲପାଞ୍ଚଣରେ ଥିବା କରତକଳରେ ଚଢ଼ାଉ କରିଥିଲେ। କିନ୍ତୁ ବେଆଇନ କରତକଳକୁ ସଂଯୋଗ କରୁଥିବା ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା, ଯାହାକି କାର୍ଯ୍ୟକ୍ଷମ ହେଉ ନାହିଁ ଏବଂ ସେଠାରୁ କୌଣସି ସାମଗ୍ରୀ ଜବତ ହୋଇନାହିଁ। ଏହା ପରେ କାକଟପୁର ତହସିଲ ଅଧୀନ ବାଲିକୂଳରେ ଥିବା ବେଆଇନ କରତକଳ ଉପରେ ଚଢ଼ାଉ ହୋଇଥିବା ବେଳେ ଗ୍ୟାସ କଟର ସହାୟତାରେ କରତକଳରେ ବ୍ୟବହୃତ ଯନ୍ତ୍ରାଂଶ ଜବତ କରାଯାଇଥିଲା।

ସିଜ୍ ହୋଇଥିବା ଯନ୍ତ୍ରାଂଶ ମଧ୍ୟରେ ପମ୍ପ, ମୋଟର, ଡାଇନାମା, କଟର, କରତ, ବହୁତ ସରଞ୍ଜାମ ରହିଛି। ସମସ୍ତ ଯନ୍ତ୍ରାଂଶ ଅସ୍ତରଙ୍ଗ ବନାଞ୍ଚଳ ଅଧୀନ ପାଣିଛତ୍ର କାର୍ଯ୍ୟାଳୟରେ ରଖାଯିବ ବୋଲି ସୂଚନା ମିଳିଛି। ଏହି ସମୟରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନସଂରକ୍ଷକ ଅଶୋକ କୁମାର ବେହେରା, ବ୍ରହ୍ମଗିରି ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ, ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନପାଳ ବବୁଲ ମଲ୍ଲିକ, ରାମଚଣ୍ଡୀ ବନପାଳ ତପନ ବେହେରା, ହରଚଣ୍ଡୀ ବନପାଳ ବିରଜା ମହାପାତ୍ର, ବ୍ରହ୍ମଗିରି ବନପାଳ ମାନସ ବେହେରାଙ୍କ ସହ ବନବିଭାଗ ସ୍କ୍ୱାଡ୍, କାକଟପୁର ପୋଲିସ, ବିଦ୍ୟୁତ୍ ବିଭାଗ ସହ ତହସିଲ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆଗାମୀ ଦିନରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଧିକାରିଣୀଙ୍କ ତରଫରୁ ଏ ଦିଗରେ ତୀକ୍ଷ୍ଣ ନଜର ଦିଆଯିବ ବୋଲି ସହକାରୀ ବନସଂରକ୍ଷକ ଅଶୋକ ବେହେରା କହିଛନ୍ତି।



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠ ପରିସରରେ ଅତିଥିମାନେ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଲୋଗୋ ଉନ୍ମୋଚନ କରୁଛନ୍ତି ।



ପୁରୀ ପୋଲିସ ରିଜର୍ଭ ପଡିଆରେ ଅନୁଷ୍ଠିତ ପୋଲିସ ଶହୀଦ ଦିବସରେ ପରେଡ କରାଯାଉଛି ।




ପୁରୀଠାରେ ଅନୁଷ୍ଠିତ ଟାଲେଣ୍ଟ ଫେଷ୍ଟ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀମାନେ।

# କଟକ ସହରରେ ୮୯ ଆଶ୍ରୟସ୍ଥଳୀ

**ଜିଲା ପ୍ରଶାସନ, ସିଏମ୍‌ସିର ସମ୍ଭାବ୍ୟ ବାତ୍ୟା ମୁକାବିଲା ପ୍ରସ୍ତୁତି**

- ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍
- ପବନ ବହିବାବେଳେ ବାହାରକୁ ନ ଯିବାକୁ ପରାମର୍ଶ
- ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ମୁତୟନ


ସିଏମ୍‌ସିର ବିଜୁ ଭବନରେ ଅନୁଷ୍ଠିତ ବୈଠକରେ ମେୟର ସୁବାସ ସିଂଙ୍କ ସମେତ ଅନ୍ୟମାନେ।

କଟକ,୨୧।୧୦ (କାର୍ତ୍ତିକ ସାହୁ)

କଟକ ଜିଲାରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଅଧ୍ୟକ୍ଷତା କରି ବାତ୍ୟାର ସଫଳ ମୁକାବିଲା ପାଇଁ ସମସ୍ତ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ଅନ୍ୟାନ୍ୟ ଆଶ୍ରୟସ୍ଥଳୀଗୁଡ଼ିକୁ ପ୍ରସ୍ତୁତ ରଖିବା, ଆଶ୍ରୟସ୍ଥଳୀଗୁଡ଼ିକରେ ପାନୀୟଜଳ, ଖାଦ୍ୟ, ଶୌଚାଳୟ ଓ ବିଜୁଳି ଭଳି ମୌଳିକ ସୁବିଧା ଉପଲବ୍ଧ କରାଇବାକୁ ସମସ୍ତ ବିଡିଓ ଏବଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପ୍ରତ୍ୟେକ ଆଶ୍ରୟସ୍ଥଳୀରେ ଅତିକମ୍‌ରେ ୩ଜଣ ଲେଖାଏଁ ସରକାରୀ ଅଧିକାରୀ ନିୟୋଜିତ କରିବାକୁ ବିଡିଓ ଏବଂ ତହସିଲଦାରମାନଙ୍କୁ କୁହାଯାଇଛି। ପବନ ବହିବା ସମୟରେ ଘରୁ ବାହାରକୁ ନ ଯିବା ପାଇଁ ଲୋକଙ୍କୁ ସଚେତନ କରିବାକୁ କୁହାଯାଇଛି। ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ଜିଲାର ସମସ୍ତ ଡାକ୍ତରଖାନାରେ ଆବଶ୍ୟକ ଔଷଧ ମହଜୁଦ ରଖିବା ଓ ଡାକ୍ତର ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ସେମାନଙ୍କ ଅମଳ ହୋଇସାରିଥିବା ଫସଲକୁ ସୁରକ୍ଷିତ ସ୍ଥାନକୁ ନେବା, ଗୃହପାଳିତ ପ୍ରାଣୀଙ୍କୁ ମାଟିଘରେ ନ ରଖି ସୁରକ୍ଷିତ ସ୍ଥାନକୁ ନେଇଯିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ଆବଶ୍ୟକ ପରିମାଣର ଗୋଖାଦ୍ୟ ମହଜୁଦ ରଖିବାକୁ ଜିଲା ମୁଖ୍ୟ ପ୍ରାଣୀସମ୍ପଦ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ପରବର୍ତ୍ତୀ ସମୟରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସଡ଼କ, ବିଜୁଳି ଓ ଟେଲି ଯୋଗାଯୋଗ ବ୍ୟବସ୍ଥାରେ ଦ୍ରୁତ ବେଗରେ ସୁଧାର ଆଣିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାର ଯଥେଷ୍ଟ ପୂର୍ବରୁ ଜିଲାର ବିଭିନ୍ନ ସ୍ଥାନରେ ଥିବା ହାଇମାଷ୍ଟ ଲାଇଟ୍ ଓ ବଡ଼ ହୋର୍ଡିଂଗୁଡ଼ିକୁ ହଟାଇ ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍ଧାର ଓ ଥଇଥାନ କାର୍ଯ୍ୟ ନିମନ୍ତେ ସମସ୍ତ ବିଭାଗ ପ୍ରସ୍ତୁତ ରହିବା ସହ ବିଭିନ୍ନ ସ୍ଥାନରେ ଓଡ୍ରାଫ ଟିମ୍ ମୁତୟନ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି କଟକ ମହାନଗର ନିଗମ (ସିଏମସି) ମଧ୍ୟ ବାତ୍ୟା ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ବାତ୍ୟା ପାଇଁ ଆତଙ୍କିତ ହେବାର କାରଣ ନାହିଁ। ସିଏମ୍‌ସି ବାତ୍ୟା ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି। ଜଳ ନିଷ୍କାସନ, ଥଇଥାନ ଏବଂ ବାତ୍ୟା ସମୟରେ ରିଲିଫ ପ୍ରଦାନକୁ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ବିଭାଗୀୟ ଯନ୍ତ୍ରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସିଏମ୍‌ସିର ବିଜୁ ଭବନଠାରେ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମେୟର ସୁବାସ ସିଂ ଅଧ୍ୟକ୍ଷତା କରିଥିଲେ। ଜଳବନ୍ଦୀ ପରିସ୍ଥିତି ଉପୁଜିଲେ ବସ୍ତିବାସିନ୍ଦାଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ ଥଇଥାନ ପାଇଁ ବ୍ୟବସ୍ଥା ହୋଇଛି। ଜଳ ନିଷ୍କାସନ ପାଇଁ ପାଣି ପମ୍ପଗୁଡ଼ିକ ମହଜୁଦ ରଖାଯାଇଛି। କଟକ ସହରରେ ୮୯ଟି ଆଶ୍ରୟସ୍ଥଳୀ ପ୍ରସ୍ତୁତ ରଖାଯାଇଛି। ସ୍ଥାନୀୟ କର୍ପୋରେଟର ପ୍ରତ୍ୟେକ ଆଶ୍ରୟସ୍ଥଳୀ ଦାୟିତ୍ୱରେ ଥିବା ନୋଡାଲ ଅଫିସରଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କରିବେ। ସିଏମ୍‌ସି କମିଶନର ଅନାମ ଚରଣ ପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ବୈଠକରେ ଅତିରିକ୍ତ ଡିସିପି ଦେବବ୍ରତ କର, ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଉଦ୍ଧାର କାର୍ଯ୍ୟ ପାଇଁ ୨୨ ପ୍ଲାଟୁନ୍ ପୋଲିସ ଫୋର୍ସ

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ କମିଶନରେଟ ପୋଲିସ ଓ ଜିଲା ଅଗ୍ନିଶମ ବିଭାଗର ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ବାତ୍ୟା ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ମୋଟ୍ ୨୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସେହିଭଳି ଅଗ୍ନିଶମ ବିଭାଗ ପକ୍ଷରୁ ଜିଲାରେ ୧୮ଟି ଟିମ୍ ଗଠନ କରାଯାଇଛି। ଏଥିରେ ପ୍ରାୟ ୩୦୦ ଅଧିକାରୀ ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କୁ ବୋଟ୍, ଗଛକଟା ମେଶିନ, ଲାଇଟ୍, ଦମକଳ ଗାଡ଼ି ଆଦି ଯୋଗାଇ ଦିଆଯାଇଛି। ବକ୍ସିବଜାର ସର୍କଲର ୧୦ ଅଗ୍ନିଶମ କେନ୍ଦ୍ର ଏବଂ ଆଠଗଡ଼ ସର୍କଲ ଅଧୀନରେ ଥିବା ୮ଟି କେନ୍ଦ୍ରକୁ ବାତ୍ୟା ପାଇଁ ସଜାଗ କରାଯାଇଛି। ପ୍ରତି ଷ୍ଟେଶନରେ ଜଣେ ଅଫିସର, ଜଣେ ଏଲ୍‌ଏଫ୍‌ଏମ୍(ହାବିଲଦାର), ଜଣେ ଡ୍ରାଇଭର, ୪ ଫାୟାରମ୍ୟାନ୍, ଗୋଟିଏ ବୋଟ୍, ଗୋଟିଏ ଦମକଳ ଗାଡ଼ି ପ୍ରତ୍ୟେକ ଟିମ୍‌ରେ ରହିବ। କଟକ ଜିଲା ପାଇଁ ପ୍ରାୟ ୩୦୦ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି କଟକ କମିଶନରେଟ୍ ପୋଲିସରେ ଭିଏଚ୍‌ଏଫ୍ ଚାର୍ଜ କରିବା ସହିତ ଜେନେରେଟର୍ ମହଜୁଦ ରଖାଯାଇଛି। ଡିସିପି ଜଗମୋହନ ମୀନା ସବୁ ଥାନା ଆଇଆଇସି ଓ ଜୋନ୍ ଏସପିଙ୍କ ସହିତ ଆଭାସୀରେ ସୋମବାର ରାତିରେ ବୈଠକ କରିଥିଲେ। ସମ୍ଭାବ୍ୟ ବାତ୍ୟା ପାଇଁ ୧୦ ପ୍ଲାଟୁନ୍ ଏପିଆର୍ କନ୍‌ଷ୍ଟେବଲ୍ ଓ ୧୨ ପ୍ଲାଟୁନ୍ ଓଏସ୍‌ଏଫ୍ ଫୋର୍ସ ମୁତୟନ କରାଯାଇଛି। ଏମାନେ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହେବେ ବୋଲି ଡିସିପି ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟବେଳେ ଏକାଠି ହୋଇ କାର୍ଯ୍ୟ କରନ୍ତୁ

କଟକ, ୨୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ସମ୍ଭାବ୍ୟ ବାତ୍ୟା ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ଏକ ଜରୁରିକାଳୀନ ବୈଠକ ମେଡିକାଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଅଧ୍ୟକ୍ଷତା କରି ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ବାତ୍ୟା ମୁକାବିଲା ପାଇଁ ମେଡିକାଲରେ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଜରୁରିକାଳୀନ ପରିସ୍ଥିତିରେ ମୁକାବିଲା ନିମନ୍ତେ ୨୪ ଘଣ୍ଟିଆ ଡାକ୍ତରୀସେବା, ପର୍ଯ୍ୟାପ୍ତ ପରିମାଣର ଜୀବନ ରକ୍ଷାକାରୀ ଔଷଧ, ଟିକା, ଓଆର୍‌ଏସ୍, ପାନୀୟ ଜଳ ମହଜୁଦ ରଖିବା ସହ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଆଇସିୟୁ, ଅସ୍ତ୍ରୋପଚାର କକ୍ଷ ଏବଂ ୱାର୍ଡଗୁଡ଼ିକୁ ଡିଜି ସେଟ୍ ସହ ସଂଯୋଗ କରାଯାଇଛି। ମେଡିକାଲରେ ଆମ୍ବୁଲାନ୍ସ ପ୍ରସ୍ତୁତ ରଖାଯାଇଛି। ମେଡିକାଲରେ ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଖୋଲାଯିବା ସହ ଯୋଗାଯୋଗ ପାଇଁ ନମ୍ବର ୦୬୭୧-୨୪୨୨୦୩୨/୨୯୯୨୮୦୦ ଜାରି କରାଯାଇଛି। ମେଡିକାଲ ପରିସରରେ ରୋଗୀ, କାର୍ଯ୍ୟରତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା, ରୋଗୀ ସମ୍ପର୍କୀୟଙ୍କ ପାଇଁ ସୁରକ୍ଷିତ ସ୍ଥାନର ବ୍ୟବସ୍ଥା କରାଯାଇଛି। ଏହାସହ ମେଡିକାଲ ପରିସରରୁ ତୁରନ୍ତ ଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବୈଠକରେ ଅତିରିକ୍ତ ଅଧୀକ୍ଷକ ଡା. ମନୋଜ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର, ଯନ୍ତ୍ରୀ ବିଭାଗ ମୁଖ୍ୟ, ୱାଟ୍‌କୋ ମୁଖ୍ୟ ଯୋଗଦେଇଥିଲେ।

**ଜାରି ହେଲା କଣ୍ଟ୍ରୋଲ ରୁମ୍ ନମ୍ବର**


ବୈଠକରେ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷା ଡା. ଲୁସି ଦାସ ଏବଂ ଅନ୍ୟମାନେ।

## ସଂକ୍ଷେପରେ

### କ୍ଷମା ମାଗିଲେ ଅଭିନେତା ବୁଦ୍ଧାଦିତ୍ୟ

**ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟ ଘଟଣା**

କଟକ,୨୧।୧୦(ଶିଳ୍ପା ପ୍ରିୟଦର୍ଶିନୀ): ଅଭିନେତା ବୁଦ୍ଧାଦିତ୍ୟ ମହାନ୍ତି ସାମାଜିକ ଗଣମାଧ୍ୟମରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ନେଇ କରିଥିବା ପୋଷ୍ଟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ସୋମବାର କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବୁଦ୍ଧାଦିତ୍ୟ କହିଛନ୍ତି, ଭୁଲ୍‌ବଶତଃ ଏଭଳି ପୋଷ୍ଟ କରିଛି। ଭୁଲକୁ ଜାଣିବା ମାତ୍ରେ ପୋଷ୍ଟଟିକୁ ଡିଲିଟ କରିଛି। କଂଗ୍ରେସ ପରିବାର ଓ ରାହୁଲ ଗାନ୍ଧୀଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଆଗାମୀ ଦିନରେ ଏଭଳି ଭୁଲ୍ ନ ହେବା ପାଇଁ ସତର୍କ ରହିବି। ସୂଚନାଯୋଗ୍ୟ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କୁ ନେଇ ବୁଦ୍ଧାଦିତ୍ୟ ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟ କରିଥିଲେ। ରାହୁଲ ପରବର୍ତ୍ତୀ ଟାର୍ଗେଟ ବୋଲି ସେଥିରେ ବୁଦ୍ଧାଦିତ୍ୟ ଲେଖିଥିଲେ। ଏହାକୁ ନେଇ କ୍ୟାପିଟାଲ ଥାନାରେ ଛାତ୍ର କଂଗ୍ରେସ ପକ୍ଷରୁ ଏତଲା ଦିଆଯାଇଥିଲା। ପୂର୍ବରୁ ସୋସିଆଲ ମିଡିଆରେ ବୁଦ୍ଧାଦିତ୍ୟ କ୍ଷମା ମାଗିଥିବାବେଳେ ଏବେ ଗଣମାଧ୍ୟମ ସମ୍ମୁଖରେ କ୍ଷମାପ୍ରାର୍ଥନା କରିଛନ୍ତି।

### ଭଉଣୀଙ୍କ ଅଶ୍ଳୀଳ ଭିଡିଓ ଦେଖାଇ ଅର୍ଥ ଦାବି: ଅଭିଯୁକ୍ତ ଗିରଫ

ଫୁଲନଖରା,୨୧।୧୦(ସତ୍ୟରଞ୍ଜନ ଦାସମହାପାତ୍ର): ଭଉଣୀଙ୍କ ଅଶ୍ଳୀଳ ଭିଡିଓ ସାମାଜିକ ଗଣମାଧ୍ୟମରେ ଛାଡ଼ି ଦେବାକୁ ଧମକ ଦେଇ ଭାଇଙ୍କଠାରୁ ୫ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅଧୀନ ଶଙ୍ଖୁଆ ଗ୍ରାମର ସନ୍ତୋଷ ରାୟ। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ ଧାନଘର ପଡା ଗ୍ରାମର ଜଣେ ଯୁବକ ଓ ସନ୍ତୋଷଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇଥିଲା। କିଛିଦିନ ପରେ ସମ୍ପୃକ୍ତ ଯୁବକଙ୍କ ମୋବାଇଲ ଫୋନରୁ ତାଙ୍କ ବିବାହିତ ଭଉଣୀଙ୍କ ମୋବାଇଲ ନମ୍ବର ସନ୍ତୋଷ ସଂଗ୍ରହ କରିଥିଲେ। ଏହାପରେ ତାଙ୍କ ଭଉଣୀଙ୍କ ଅଜାଣତରେ ସନ୍ତୋଷ ଭିଡିଓ କଲ୍ କରି ଅଶ୍ଳୀଳ ଭିଡିଓ ଉତ୍ତୋଳନ କରିଥିଲେ। ପରେ ସେହି ଭିଡିଓଗୁଡ଼ିକୁ ସମ୍ପୃକ୍ତ ଯୁବକଙ୍କୁ ଦେଖାଇ ସନ୍ତୋଷ ୫ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଉକ୍ତ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଦେବେ ବୋଲି ସେ ଧମକ ଦେଇଥିଲେ। ଏନେଇ ଯୁବକ ଜଣଙ୍କ କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୫୭୩/୨୪)ରୁଜୁ କରି ସନ୍ତୋଷଙ୍କୁ ନବରଙ୍ଗପୁରରୁ ଗିରଫ କରିଛି।

# ‘ସଶକ୍ତୀକରଣ ଦିଗରେ ଅଗ୍ରସର ହୁଅନ୍ତୁ ମହିଳା’



କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଅନ୍ୟମାନେ।

କଟକ, ୨୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ମହିଳାଙ୍କୁ ସଶକ୍ତ କରାଇବା ପାଇଁ ପ୍ରତ୍ୟେକ ପରିବାରର ସଦସ୍ୟ ଲକ୍ଷ୍ୟ ରଖିବା ଉଚିତ୍। ପୁରୁଷ ଓ ନାରୀଙ୍କୁ ସମାନ ଭାବେ ପ୍ରାଧାନ୍ୟ ଦିଆଯିବା ଜରୁରୀ। ମହିଳାମାନେ ନିଜ ସଂସ୍କୃତିକୁ ଆପଣାଇ ସଶକ୍ତୀକରଣ ଦିଗରେ ଅଗ୍ରସର ହୁଅନ୍ତୁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଓଡ଼ିଶା ଇଣ୍ଟେଲେକ୍‌ଚୁଆଲ ଫୋରମ୍ କଟକ ପକ୍ଷରୁ କଟକ ସିଡ଼ିଏ ସେକ୍ଟର-୯ସ୍ଥିତ ରାଇସିନା ମଣ୍ଡପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପରିଡା ଯୋଗଦେଇ କହିଛନ୍ତି, କେବଳ ଯୋଜନା କାର୍ଯ୍ୟକାରୀ ହେଲେ ମହିଳା ସଶକ୍ତୀକରଣ ହୋଇ ନ ଥାଏ, ଏଥିପାଇଁ ମାନସିକ ଚିନ୍ତାଧାରା ବଦଳାଇବା ଆବଶ୍ୟକ। ଚିନ୍ତାଧାରା ବଦଳିଲେ ଦେଶରେ ପରିବର୍ତ୍ତନ ଆସିବ ବୋଲି ସେ କହିଛନ୍ତି।

ସେହିପରି ମୁଖ୍ୟବକ୍ତା ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରମଥ ପଟ୍ଟନାୟକ କହିଛନ୍ତି, ଯୌତୁକ, ଯୌନ ଶୋଷଣ, ଘରୋଇ ହିଂସା, ବାଲ୍ୟ ବିବାହ ଇତ୍ୟାଦି ମହିଳା ସଶକ୍ତୀକରଣ ରୋକିବାର ମୁଖ୍ୟ କାରଣ। ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସଶକ୍ତ କରାଇବା ପାଇଁ ଚଳିତବର୍ଷ ମହିଳା ଦିବସ ପାଳନ କରାଯାଇଥିଲା। ସରକାର ମହିଳାଙ୍କୁ ପ୍ରାଧାନ୍ୟ ଦେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଇଛନ୍ତି। ମହିଳା ସ୍ୱପ୍ନ ଦେଖିବା ସହ ଆତ୍ମବିଶ୍ୱାସ ରଖିବା ଆବଶ୍ୟକ ବୋଲି ପଟ୍ଟନାୟକ କହିଛନ୍ତି। ଏଥିରେ ଅନ୍ୟ ଅତିଥି ଭାବେ ହାଇକୋର୍ଟର ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ କୁମାର ପାଢ଼ୀ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ ଯୋଗଦେଇଥିଲେ। ଫୋରମ୍‌ର କନ୍‌ଭେନର କଳ୍ପନା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ବିଶ୍ୱରଞ୍ଜନ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଗାଡ଼ିରୁ ବାହାରିଲା ସାପ

ତ୍ରିଶୂଳିଆ,୨୧।୧୦(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅଧୀନ ତ୍ରିଶୂଳିଆ ଛକ ନିକଟରେ କୁହ୍ନେଇଁପଡ଼ା ଗ୍ରାମର ଅଜୟ ଦାଶଙ୍କ ସ୍କୁଟିରୁ ସୋମବାର ଏକ ସାପ ଉଦ୍ଧାର କରାଯାଇଛି। ଯୁବକ ଜଣକ ସାପ କାମୁଡ଼ାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ରବିବାର ୧୦ଟା ୩୦ ସମୟରେ ତ୍ରିଶୂଳିଆ ନିକଟରେ ଥିବା ରିଲିଆନ୍ସ ଫ୍ରେସ୍‌କୁ ଆସିଥିଲେ। ସେଠାରୁ ଆସି ଜିନିଷ ରଖିବାକୁ ସ୍କୁଟି ଡିକି ଖୋଲିଥିଲେ। ତା’ ମଧ୍ୟରେ ଥିବା ଏକ ସାପ ବାହାରି ତାଙ୍କୁ କାମୁଡ଼ିବାକୁ ଚେଷ୍ଟା କରିଥିଲା। ଯୁବକ ଜଣଙ୍କ ଗାଡ଼ି ନିକଟରୁ ଦୂରେଇ ଆସି ସାପକୁ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ସାପଟି ପୁଣି ଡିକି ଭିତରକୁ ପଶିଯାଇଥିଲା। ଏହାପରେ ସେ ନରଣପୁର ଗ୍ରାମର ସାପ ଧରାଳି ଦୀପକ ସ୍ୱାଇଁଙ୍କୁ ଖବର ଦେଇଥିଲେ। ଦୀପକ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରି ଛାଡ଼ିଥିବା ଜଣାପଡ଼ିଛି।

# ପରମହଂସ ମନ୍ଦିର ଉନ୍ନତୀକରଣ ଖର୍ଚ୍ଚ ୪.୯୬ କୋଟି

କଟକ ସଦର,୨୧।୧୦(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ମନ୍ଦିରର ଉନ୍ନତୀକରଣ ପାଇଁ ୫-ଟି ଯୋଜନାରେ ୨୦୨୩ ନଭେମ୍ବରରେ ୪ କୋଟି ୯୬ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ଏହି କାର୍ଯ୍ୟର ସଫଳ ରୂପାୟନ ପାଇଁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ନଂ.୨ ଉପରେ ନ୍ୟସ୍ତ କରାଯାଇଛି। ଉକ୍ତ ଡିଭିଜନ ପକ୍ଷରୁ ମିଳିଥିବା ବ୍ୟୟ ଆକଳନ ଚିଠାରେ ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଦର୍ଶାଯାଇଛି। ପତ୍ରସଂଖ୍ୟା ୮୬୫୨/୫।୧୨।୨୦୨୩ରେ ଡିଭିଜନ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସିଭିଲ କାର୍ଯ୍ୟରେ ୩ କୋଟି ୨୭ ଲକ୍ଷ ୫୦ ହଜାର ୨୬ଟଙ୍କା ବ୍ୟୟବରାଦ ରଖାଯାଇଛି। ସେଥିମଧ୍ୟରୁ ସିଂହଦ୍ୱାର କାର୍ଯ୍ୟ ପାଇଁ ୪୨ ଲକ୍ଷ ୮୩ ହଜାର ୪୩୫ ଟଙ୍କା, ସୁରକ୍ଷା ପ୍ରକୋଷ୍ଠ ଓ ଜୋତା ଷ୍ଟାଣ୍ଡ ପାଇଁ ୨୭ ଲକ୍ଷ ୪୦ ହଜାର ୩୨୩ ଟଙ୍କା, ମନ୍ଦିର ପ୍ଲାଜା ନିମନ୍ତେ ୩୦ ଲକ୍ଷ ୮୬ ହଜାର ୩୪୮, ମନ୍ଦିର କାର୍ଯ୍ୟାଳୟ ଓ ସେବାୟତ ଭବନ ପାଇଁ ୩୩ ଲକ୍ଷ ୧ ହଜାର ୮୭୦, ମନ୍ଦିର ପୁଷ୍କରିଣୀ ପାଇଁ ୧୦ ଲକ୍ଷ ୮୭ ହଜାର ୫୭୭, ଭୋଗ ଓ ପୂଜା ସାମଗ୍ରୀ ଦୋକାନ ନିମନ୍ତେ ୭୮ ଲକ୍ଷ ୮୬ ହଜାର ୯୦୧, ଶୌଚାଳୟ ଲାଗି ୨୬ ଲକ୍ଷ ୧୪ ହଜାର ୩୩୩, ପାନୀୟ ଜଳ ନିମନ୍ତେ ୧ ଲକ୍ଷ ୫୦ ହଜାର, ଯଜ୍ଞ ମଣ୍ଡପ ପାଇଁ ୨୦ ଲକ୍ଷ ୬୫ ହଜାର ୬୩୨ ଟଙ୍କା ୮୦ ପଇସା, ପାର୍କିଂ ନିମନ୍ତେ ୧୬ ଲକ୍ଷ ୫ ହଜାର ୨ ଟଙ୍କା, ମୁଖ୍ୟ ମନ୍ଦିର ସହ ରୋଷଘର ମରାମତି ବାବଦକୁ ୧୩ ଲକ୍ଷ ୨ ହଜାର ୧୪୦ ଟଙ୍କା ଖର୍ଚ୍ଚ ସିଭିଲ କାର୍ଯ୍ୟରେ ଅନ୍ତର୍ଭୁକ୍ତ। ସେହିପରି ବିଦ୍ୟୁତୀକରଣ ପାଇଁ ୩୮ ଲକ୍ଷ ୫୦ ହଜାର, ଜନସ୍ୱାସ୍ଥ୍ୟ କାର୍ଯ୍ୟ ବାବଦକୁ ୧୨ ଲକ୍ଷ ୫୦ ହଜାର, ଜେନେରେଟର ପାଇଁ ୧୬ ଲକ୍ଷ ଓ ବର୍ଜ୍ୟବସ୍ତୁ ପରିଚାଳନା ବାବଦକୁ ୧୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ବାକି ଅର୍ଥ ଅନ୍ୟାନ୍ୟ କାର୍ଯ୍ୟରେ ଖର୍ଚ୍ଚ ହେବ ବୋଲି ବିଭାଗୀୟ ଯନ୍ତ୍ରୀ ଅଞ୍ଜନ କୁମାର ବଳ କହିଛନ୍ତି।

## ଧବଳେଶ୍ୱରଙ୍କୁ ଦର୍ଶନ କଲେ ୧୫ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ, ୨୧।୧୦(ସଚ୍ଚିଦାନନ୍ଦ ପଣ୍ଡା)

**କାର୍ତ୍ତିକ ପ୍ରଥମ ସୋମବାର**



କାର୍ତ୍ତିକ ମାସର ପ୍ରଥମ ସୋମବାରରେ କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱର ପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଭୋର ୪ଟାରେ ଦ୍ୱାର ଫିଟାଯାଇ ଠାକୁରଙ୍କ ବିଭିନ୍ନ ନୀତି କରାଯାଇଥିଲା। ଏଥିସହ ବିଭିନ୍ନ ପୁଷ୍ପରେ ଠାକୁରଙ୍କୁ ସଜ୍ଜିତ କରାଯିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିବା ଆଠଗଡ଼ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କହିଛନ୍ତି। ସକାଳେ ଭିଡ଼ ନିୟନ୍ତ୍ରଣ ପାଇଁ ଗୁରୁଡିଝାଟିଆ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ଏକ ପ୍ଲାଟୁନ୍ ଫୋର୍ସ ସହ ଦୁଇଜଣ ଇନ୍ସପେକ୍ଟର ଏବଂ ଆଇଆଇସି ପରେଶ କୁମାର ମହାନ୍ତି ଦିନତମାମ ଉପସ୍ଥିତ ରହି କଂକ୍ରିଟ ପୋଲ ପାଖରେ ସୁଚାରୁରୂପେ ଭକ୍ତଙ୍କୁ ଦର୍ଶନ ପାଇଁ ଧାଡିରେ ଛାଡିଥିଲେ। ମନ୍ଦିର ମଧ୍ୟରେ ପୂଜକ ସମାଜ ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କ ଲାଗି ଠାକୁର ଦର୍ଶନ ପାଇଁ ବ୍ୟବସ୍ଥା କରିଥିଲେ ବୋଲି ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରୀ ଓ ଦେଉଳୀକରଣ ସାଗର ଦାସ କହିଛନ୍ତି।

# ନାମ ଫଳକରେ ଅକ୍ଷର ନାହିଁ, ପ୍ରୋଜେକ୍ଟର ଅଚଳ

**ଏସ୍‌ସିବିରେ ଭିତ୍ତିଭୂମି ବିପର୍ଯ୍ୟସ୍ତ**

- କାଜୁଆଲ୍‌ଟିର ଗୋଟିଏ ପାର୍ଶ୍ୱ ଗେଟ୍ ଭାଙ୍ଗିପଡିଛି

କଟକ,୨୧।୧୦(ଶିଳ୍ପା ପ୍ରିୟଦର୍ଶିନୀ)






ରାଜ୍ୟ ସରକାର ରୋଗୀଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ସହ ବିଭିନ୍ନ ମେଡିକାଲର ଭିତ୍ତିଭୂମି ସୁଦୃଢ଼ ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ରାଜ୍ୟର ସର୍ବବୃହତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ଭିତ୍ତିଭୂମି ବିପର୍ଯ୍ୟସ୍ତ ହେବାରେ ଲାଗିଛି। ମେଡିକାଲ ପରିସରରେ ଥିବା ପୁରାତନ ଭେଷଜ ବିଭାଗ ଓ ହୃଦ୍‌ରୋଗ ବିଭାଗର ନାମଫଳକରୁ ଦୀର୍ଘଦିନ ହେବ ଅକ୍ଷର ଖସିପଡିଛି। ସେହିପରି କିଛିଦିନ ହେବ କାଜୁଆଲ୍‌ଟିର ଗୋଟିଏ ପାର୍ଶ୍ୱ ଲୁହା ଗେଟ୍ ଭାଙ୍ଗି ତଳେ ପଡିରହିଛି। ଫଳରେ ଫାଟକ ବନ୍ଦ କରି ହେଉନାହିଁ। ସେହିବାଟ ଦେଇ ପ୍ରତିଦିନ ମେଡିକାଲ କଲେଜ ଅଧ୍ୟକ୍ଷା, ପ୍ରଶାସନିକ ଅଧିକାରୀ ଓ ଡାକ୍ତର ଯାତାୟତ କରୁଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଅପରପକ୍ଷରେ ମେଡିକାଲର ଦୁଇଟି ଫାଟକ ନିକଟରେ ଲାଗିଥିବା ଉଚ୍ଚକ୍ଷମତା ସମ୍ପନ୍ନ ଏଲ୍‌ଇଡି ପ୍ରୋଜେକ୍ଟର ପ୍ରାୟ ଏକ ମାସ ହେବ ଅଚଳ ହୋଇପଡିଛି। ଏହାର ମରାମତି ପାଇଁ ମେଡିକାଲ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାକୁ କାର୍ଯ୍ୟକ୍ଷମ କରାଯାଇପାରି ନାହିଁ। ଏହାକୁ ନେଇ ରୋଗୀ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ କହିଛନ୍ତି, ଏଲ୍‌ଇଡି ମରାମତି ଦାୟିତ୍ୱ ଏକ ସଂସ୍ଥାକୁ ଦିଆଯାଇଛି। କାଜୁଆଲ୍‌ଟି ଗେଟ୍ ଓ ଅନ୍ୟାନ୍ୟ କାର୍ଯ୍ୟର ମରାମତି ଖୁବ୍‌ଶୀଘ୍ର କରାଯିବ।


ଆର୍‌ଆଇ, ଏଆର୍‌ଆଇ ଓ ଅମିନ ନିଯୁକ୍ତି ପରୀକ୍ଷା ବାତିଲ ଦାବିରେ ଷ୍ଟୁଡେଣ୍ଟ ଏଗେନ୍‌ଷ୍ଟ କରପସନ୍ ସଙ୍ଗଠନ ପକ୍ଷରୁ ସୋମବାର କଟକ ନେତାଜୀ ବସ୍ ଟର୍ମିନାଲ ପାଠାଗାର ସମ୍ମୁଖରେ ବିକ୍ଷୋଭ।



କଟକ ମିଶନରୋଡ୍‌ସ୍ଥିତ ଭଞ୍ଜ ମଣ୍ଡପରେ ୮୧ ତମ କଳିଙ୍ଗ ଭାରତୀ ଭଞ୍ଜ ଜୟନ୍ତୀ ସପ୍ତାହର ସୋମବାର ଦ୍ୱିତୀୟ ସନ୍ଧ୍ୟାରେ ଭଞ୍ଜ କାବ୍ୟ ସୌରଭ ପୁସ୍ତକକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ ଅନ୍ୟମାନେ ଉନ୍ମୋଚନ କରୁଛନ୍ତି।

## ଯୁଦ୍ଧବିରତି ପାଇଁ ସାନି ଉଦ୍ୟମ | ମଧ୍ୟପ୍ରାଚ୍ୟ ମୁହାଁ ବ୍ଲିଙ୍କେନ୍

ୱାଶିଂଟନ/ବେରୁଟ୍,୨୧।୧୦

ଗାଜାରେ ଇସ୍ରାଏଲ୍‌ର ଯୁଦ୍ଧାବସାନ ସହ ଲେବାନନ୍‌ରେ ଉତ୍ତେଜନା ପ୍ରଶମିତ ପାଇଁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ପୁନର୍ବାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହି କ୍ରମରେ ସେ ସୋମବାର ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା ଆରମ୍ଭ କରିଥିବା ୱାଶିଂଟନ୍ ପକ୍ଷରୁ କୁହାଯାଇଛି। ୨୦୨୩ ଅକ୍ଟୋବର ୭ରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଂଗଠନ ହମାସ୍ ପକ୍ଷରୁ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ଚାଲିବା ପରଠୁ ଏହା ହେଉଛି ମଧ୍ୟପ୍ରାଚ୍ୟକୁ ବ୍ଲିଙ୍କେନ୍‌ଙ୍କ ୧୧ତମ ଗସ୍ତ। ଏହି ଗସ୍ତ ବେଳେ ସେ ଇସ୍ରାଏଲ୍‌ରେ ପ୍ରାୟ ସପ୍ତାହେ ଅବସ୍ଥାନ କରିବେ। ବ୍ଲିଙ୍କେନ୍ ମଙ୍ଗଳବାର ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଓ ରାଷ୍ଟ୍ରପତି ଇସାକ୍ ହେୟାର୍ଜୋଙ୍କ ସହ ଗାଜାରେ ଯୁଦ୍ଧ ବନ୍ଦ,


ଆଣ୍ଟୋନି ବ୍ଲିଙ୍କେନ୍

୧୦୧ ପଣବନ୍ଦୀଙ୍କୁ ସୁରକ୍ଷିତ ମୁକ୍ତ କରିବା ଏବଂ ଦୁର୍ଦ୍ଦଶା ଭୋଗୁଥିବା ପାଲେଷ୍ଟିନୀୟଙ୍କୁ ଆଶ୍ୱସ୍ତି ପ୍ରଦାନ ଉପରେ ଆଲୋଚନା କରିବେ ବୋଲି ତେଲ୍ ଆଭିଭ୍ କହିଛି। ଏଥିସହ ଜୋର୍ଡାନ, କାତାର, ସାଉଦି ଆରବ ଏବଂ ୟୁଏଇକୁ ମଧ୍ୟ ଯିବାର କାର୍ଯ୍ୟକ୍ରମ ରହିଥିବା କୁହାଯାଇଛି। ବିଶେଷ କରି ଅକ୍ଟୋବର ୧ରେ ଇରାନ ଇସ୍ରାଏଲ୍ ଉପରେ ଦୂରଗାମୀ କ୍ଷେପଣାସ୍ତ୍ର ଆକ୍ରମଣ କରିବା ପରିପ୍ରେକ୍ଷୀରେ ତେଲ୍ ଆଭିଭ୍ ଏହାର ଜବାବ ଦେବା ପାଇଁ ପ୍ରସ୍ତୁତ ହେଉଥିବା ନେଇ ଆମେରିକୀୟ ଗୋଇନ୍ଦା ରିପୋର୍ଟ ପ୍ରଘଟ ହେବା ଯୋଗୁ ଲିଙ୍କେନ୍‌ଙ୍କ ଗସ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ମନେ କରାଯାଉଛି। ଇସ୍ରାଏଲ୍‌ର ରକେଟ ମାଡ଼ରେ ହମାସ୍ ନେତା ୟହୟା ସିନ୍‌ୱାର ନିହତ ହେବା ପରେ ଯୁଦ୍ଧ ବିରତି ପାଇଁ ବାଟ ଫିଟିବ ବୋଲି ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିବାବେଳେ ବ୍ଲିଙ୍କେନ୍‌ଙ୍କ ଗସ୍ତକୁ ଏହି ଉଦ୍ଦେଶ୍ୟରେ ଦେଖାଯାଉଛି।

## ପୃଥିବୀ ନିକଟ ଦେଇ ଗୁରୁବାର ଅତିକ୍ରମ କରିବ କ୍ଷୁଦ୍ର ଗ୍ରହ



### ୧୭୫ ମିଟର ଆକାର

ୱାଶିଂଟନ, ୨୧।୧୦

ଆସନ୍ତା ୨୪ ତାରିଖରେ ୩୬୩୩୦୫ (୨୦୦୨ଏନ୍‌ଭି୧୬) ନାମକ ଏକ କ୍ଷୁଦ୍ର ଗ୍ରହ ପୃଥିବୀ ନିକଟ ଦେଇ ଗତିକରିବ ବୋଲି ଆମେରିକୀୟ ମହାକାଶ ସଂସ୍ଥା (ନାସା) ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ୧୭୫ ମିଟର ଆକାରର ଏହି କ୍ଷୁଦ୍ର ଗ୍ରହ ଏକ ବୃହତ କୋଠା ସଦୃଶ ହେବ ବୋଲି ନାସା କହିଛି। ଏହା ୧୭,୫୪୨ କିଲୋମିଟର ପ୍ରତି ଘଣ୍ଟା ବେଗରେ ଗତି କରୁଛି। ଆସନ୍ତା ଗୁରୁବାର ଏହି କ୍ଷୁଦ୍ର ଗ୍ରହ ପୃଥିବୀଠାରୁ ୪୫ ଲକ୍ଷ ୨୦ ହଜାର କି.ମି. ଦୂରତାରେ ଅତିକ୍ରମ କରିବ ବୋଲି ନାସା କହିଛି। ସେତେବେଳେ ଏହା ପୃଥିବୀଠାରୁ ସର୍ବାଧିକ ନିକଟବର୍ତ୍ତୀ ହେବ। ତେବେ ଏହି ଦୂରତା ପୃଥିବୀଠାରୁ ଚନ୍ଦ୍ରର ଦୂରତାର ୧୧ ଗୁଣା ଅଧିକ ହେବ ବୋଲି ନାସା କହିଛି। ଯଦିଓ '୨୦୦୨ଏନ୍‌ଭି୧୬' କ୍ଷୁଦ୍ର ଗ୍ରହକୁ ଏହାର ଆକାର ଏବଂ ପୃଥିବୀଠାରୁ ନିକଟତର ହେତୁ ସମ୍ଭାବ୍ୟ ବିପଜ୍ଜନକ କ୍ଷୁଦ୍ର ଗ୍ରହ ଭାବରେ ଶ୍ରେଣୀଭୁକ୍ତ କରାଯାଇଛି, ତଥାପି ଏହା ପୃଥିବୀ ସହ ମାଡ଼ ହେବ ନାହିଁ ବୋଲି ଆମେରିକୀୟ ମହାକାଶ ସଂସ୍ଥା ପକ୍ଷରୁ ଆଶ୍ୱାସନା ଦିଆଯାଇଛି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ '୨୦୨୪ଟିୱାଇ୨୧' ନାମକ ଏକ କ୍ଷୁଦ୍ର ଗ୍ରହ ପୃଥିବୀଠାରୁ ୧୩.୫ ଲକ୍ଷ କି.ମି.ର ନିରାପଦ ଦୂରତାରେ ଅତିକ୍ରମ କରିଥିବା ନେଇ ନାସା ସୂଚନା ଦେଇଥିଲା। ନିରାପଦ ଦୂରତାରେ ଅତିକ୍ରମ କରିଥିବା ନେଇ ନାସା ସୂଚନା ଦେଇଥିଲା।

## ୨୨ତମ ଜନ୍ମଦିନରେ ଆତ୍ମହତ୍ୟା କଲେ ହମାସ୍ ଆକ୍ରମଣରୁ ବର୍ତ୍ତିଥିବା ଯୁବତୀ

ଜେରୁଜେଲମ୍,୨୧।୧୦

ଗତବର୍ଷ ଅକ୍ଟୋବରରେ ହମାସ୍ ଆକ୍ରମଣରେ ଦକ୍ଷିଣ ଇସ୍ରାଏଲରେ ୧,୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୫୦ ଜଣଙ୍କୁ ଆତଙ୍କବାଦୀମାନେ ଅପହରଣ କରି ପଣବନ୍ଦୀ ରଖିଥିଲେ। ଏହି ଆକ୍ରମଣରୁ ସୌଭାଗ୍ୟକ୍ରମେ ବର୍ତ୍ତିଯାଇଥିବା ଜଣେ ଇସ୍ରାଏଲୀ ଯୁବତୀ ନିଜ ୨୨ତମ ଜନ୍ମଦିନରେ ଆତ୍ମହତ୍ୟା କରିଛନ୍ତି। ଶିରେଲ୍ ଗୋଲାନ୍ ଆକ୍ରମଣ ଦିନ ମ୍ୟୁଜିକ୍ ଫେଷ୍ଟବେଳେ ନିଜ ସାଙ୍ଗମାନଙ୍କ ସହ ଥିଲେ। ହମାସ୍‌ର ରକେଟ ମାଡ଼ରେ ତାଙ୍କ ଅନେକ ସାଙ୍ଗ ପ୍ରାଣ ହରାଇଥିଲେ।


ଶିରେଲ୍ ଗୋଲାନ୍

ସେବେଠୁ ଶିରେଲ ପୋଷ୍ଟ ଟ୍ରମାଟିକ୍ ଷ୍ଟ୍ରେସ୍ ଡିଜ୍‌ଅର୍ଡର (ପିଟିଏସ୍‌ଡି)ରେ ପୀଡ଼ିତ ଥିଲେ। ଅକ୍ଟୋବର ୨୦ ରବିବାର ଶିରେଲଙ୍କ ମୃତଦେହ କେନ୍ଦ୍ରୀୟ ଇସ୍ରାଏଲ୍ ସ୍ଥିତି ପୋରଟରେ ଥିବା ତାଙ୍କ ଆପର୍ଟମେଣ୍ଟରୁ ମିଳିଛି। ଶିରେଲଙ୍କ ଭାଇ ଏୟାଲ କହିଛନ୍ତି, ଭଉଣୀ ଅବସାଦ ଗ୍ରସ୍ତ ହେବା ପରେ ସମସ୍ତଙ୍କଠାରୁ ଦୂରେଇ ରହୁଥିଲେ। ଏକଲା ପଣ ତାଙ୍କ ମାନସିକ ସ୍ଥିତିକୁ ଦୋହଲାଇଦେଇଥିଲା। ୫ ଭଉଣୀ ଭାଇ ମଧ୍ୟରେ ସବା ସାନ ଶିରେଲ ରବିବାର ୱେଷ୍ଟର୍ନ ୱାଲରେ ୨୨ତମ ଜନ୍ମଦିନ ପାଳନ ପୂର୍ବରୁ ଜୀବନ ହାରିବା ଭଳି ଚରମ ନିଷ୍ପତ୍ତି ନେଇଛନ୍ତି।

## ଗାଜା ଟନେଲରେ ୨୭ ଲକ୍ଷର ବ୍ୟାଗ୍ ଧରି ବୁଲୁଥିଲେ ସିନ୍‌ୱାରଙ୍କ ସ୍ତ୍ରୀ

ନୂଆଦିଲ୍ଲୀ,୨୧।୧୦

ଗତ ସପ୍ତାହରେ ଦକ୍ଷିଣ ଗାଜାରେ ଇସ୍ରାଏଲୀ ଅପରେଶନ ବେଳେ ପ୍ରାଣ ହରାଇଥିବା ହମାସ୍ ମୁଖ୍ୟ ୟେହୟା ସିନ୍‌ୱାରଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସିନ୍‌ୱାରଙ୍କ ସହ ତାଙ୍କ ସ୍ତ୍ରୀ ଓ ପିଲାମାନେ ଗାଜା ଟନେଲ ମଧ୍ୟରେ ବୁଲୁଥିବା ଦେଖିବାକୁ ମିଳିଛି। ସିନ୍‌ୱାର ତକିଆ, ମେଟ୍ରେସ୍, ଟିଭି ଓ ବ୍ୟାଗ୍ ଧରି ଯାଉଥିବାବେଳେ ତାଙ୍କ ସ୍ତ୍ରୀଙ୍କ ହାତରେ ଏକ ହର୍ମେସ୍ ବ୍ୟାଗ୍ ରହିଥିଲା। ସମ୍ଭ୍ରାନ୍ତର ପ୍ରତୀକ ମନେକରାଯାଉଥିବା ଏହ ବ୍ୟାଗ୍‌ର ମୂଲ୍ୟ ପ୍ରାୟ ୨୭ ଲକ୍ଷ ଟଙ୍କା ହେବ। ସିସିଟିଭି ଫୁଟେଜ୍ ଆଧାରରେ ଏହାର ଭିଜୁଆଲ ଇସ୍ରାଏଲ୍ ପକ୍ଷରୁ ଛଡ଼ାଯାଇଛି। ଇସ୍ରାଏଲ୍ କହିଛି, ଅକ୍ଟୋବର ୭ ଆକ୍ରମଣ ପୂର୍ବ ରାତିରେ



ସିନ୍‌ୱାରଙ୍କ ସ୍ତ୍ରୀ ୩୨ ହଜାର ଆମେରିକୀୟ ଡଲାର (୨୬.୮ ଲକ୍ଷ ଟଙ୍କା )ର ବ୍ୟାଗ୍ ଧରୁଥିଲେ। ହମାସ୍ ଶାସନରେ ଗାଜାବାସୀ ନାହିଁ ନ ଥିବା ଅସୁବିଧା ଯୋଗୁଥିବାବେଳେ ସିନ୍‌ୱାର ଓ ତାଙ୍କ ପରିବାର ଲଜ୍ଜାହୀନ ଭାବେ ବିଳାସପୂର୍ଣ୍ଣ ଜୀବନ ବିତାଇବା ସହ ଅନ୍ୟମାନଙ୍କୁ ମୃତ୍ୟୁ ମୁଖକୁ ଠେଲିଦେଉଥିଲେ।

## ୧ରୁ ୧୯ ଏୟାର ଇଣ୍ଡିଆ ବିମାନରେ ଯାଆନି

### ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ପନ୍ନୁଙ୍କ ଧମକ

ନୂଆଦିଲ୍ଲୀ,୨୧।୧୦

ଖଲିସ୍ତାନୀ କଠୋରପନ୍ଥୀ ତଥା ଶିଖ୍ ଫର ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ପ୍ରତିଷ୍ଠାତା ଗୁରପତ୍‌ୱନ୍ତ ସିଂ ପନ୍ନୁ ସୋମବାର ପୁଣି ଭାରତ ବିରୋଧୀ ଧମକ ଦେଇଛନ୍ତି। ନଭେମ୍ବର ୧ରୁ ୧୯ ତାରିଖ ମଧ୍ୟରେ ଏୟାର ଇଣ୍ଡିଆର କୌଣସି ଫ୍ଲାଇଟ୍‌ରେ ଅନ୍ତର୍ଜାତୀୟ ଯାତ୍ରୀମାନେ ଉଡ଼ାଣ କରନ୍ତୁ ନାହିଁ ବୋଲି ଏକ ଭିଡିଓ ଜାରି କରି କହିଛନ୍ତି। ୧୯୮୪ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା ପରେ ହୋଇଥିବା ଶିଖ୍‌ବିରୋଧୀ ଦଙ୍ଗାକୁ ସେ ଶିଖ୍ ଗଣହତ୍ୟା ଭାବେ ଅଭିହିତ କରିଛନ୍ତି। ଏହାର ୪୦ତମ ବର୍ଷ ପୂର୍ତ୍ତି ଅବସରରେ ନଭେମ୍ବର ୧୯ରେ ଏୟାର ଇଣ୍ଡିଆ ଇଣ୍ଡିଆ ବିଶ୍ୱବ୍ୟାପୀ ଉଡ଼ାଣ ବନ୍ଦ କରୁ। କୌଣସି ଯାତ୍ରୀ ପରାମର୍ଶ ନ ମାନି ଏୟାର ଇଣ୍ଡିଆର ବିମାନଗୁଡ଼ିକରେ ଯାତ୍ରା କଲେ ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ବୋଲି ପନ୍ନୁ ଧମକ ଦେଇଛନ୍ତି। ଏଥିସହ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ପୁନଃ ନାମକରଣ କରାଯିବ ବୋଲି ମଧ୍ୟ


ଗୁରପତ୍‌ୱନ୍ତ ସିଂ ପନ୍ନୁ

ସେ କହିଛନ୍ତି। ୨୦୨୩ରେ ମଧ୍ୟ ପନ୍ନୁ ଏହି ସମୟରେ ଅନୁରୂପ ଧମକ ଦେଇ ଚର୍ଚ୍ଚିତ ହୋଇଥିଲେ। ପନ୍ନୁ ବର୍ତ୍ତମାନ ଆମେରିକା ଓ କାନାଡା ନାଗରିକତ୍ୱ ଗ୍ରହଣ କରି କାନାଡାରେ ବସବାସ କରୁଛନ୍ତି। ଅନ୍ୟପକ୍ଷେ ତାଙ୍କର ଏଭଳି ଧମକ ସମ୍ପର୍କରେ ଭାରତ ସରକାର ଅବଗତ ନ ଥିବା ଏବଂ ଏୟାର ଇଣ୍ଡିଆ ପ୍ରତି କୌଣସି ବିପଦ ନ ଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୂଚନା ଦେଇଛନ୍ତି।

## ସିଲିଣ୍ଡର ବିସ୍ଫୋରଣରେ ୫ ମୃତ

ବୁଲନ୍ଦସହର, ୨୧।୧୦

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ସିକନ୍ଦରାବାଦସ୍ଥିତ ଆଶାପୁରୀ କଲୋନୀରେ ରହୁଥିବା ରିୟାଜୁଦ୍ଦିନ ନାମକ ଜଣେ ବ୍ୟକ୍ତିଙ୍କ ଘରେ ସୋମବାର ସିଲିଣ୍ଡର ବିସ୍ଫୋରଣ ଘଟି ୨ ଶିଶୁଙ୍କ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଦମକଳବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ବିସ୍ଫୋରଣ ଯୋଗୁ ଘରର ଏକ ଅଂଶ ଭୁଶୁଡ଼ି ପଡ଼ିଥିବାବେଳେ ସେଥିରେ ଏବେ ମଧ୍ୟ ଅନେକ ଲୋକ ଫସି ରହିଥିବା ନେଇ ବୁଲନ୍ଦସହର ଜିଲାପାଳ ସିପି ସିଂହ ଆଶଙ୍କାବ୍ୟକ୍ତ କରିଛନ୍ତି। ବିସ୍ଫୋରଣ ସମୟରେ ରିୟାଜୁଦ୍ଦିନଙ୍କ ପରିବାରର ୧୭ରୁ ୧୮ ସଦସ୍ୟ ଘରେ ଉପସ୍ଥିତ ଥିଲେ ବୋଲି ସେ କହିଛନ୍ତି। ବିସ୍ଫୋରଣରେ ୮ ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜିଲାପାଳ କହିଛନ୍ତି। ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

## ଆନ୍ଦୋଳନରୁ ଓହରିଲେ ଡାକ୍ତର

କୋଲକାତା,୨୧।୧୦

ଆର୍.ଜି. କର ଘଟଣାରେ ୧୬ଦିନ ଧରି ଆମରଣ ଅନଶନରେ ବସିଥିବା ପଶ୍ଚିମବଙ୍ଗର ଡାକ୍ତରମାନେ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ସାକ୍ଷାତ୍ ଆଲୋଚନା ପରେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଜଣେ ଜୁନିୟର ଡାକ୍ତର ଦେବାଶିଷ ହାଲ୍‌ଦାର କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସହ ୧୭ ଜଣିଆ ପ୍ରତିନିଧି ଦଳର ଆଲୋଚନା ବେଳେ ସେ କେତେକ ପଦକ୍ଷେପ ନେବାକୁ ଆମକୁ ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟବାସୀ ଏବଂ ଅଗଷ୍ଟ ୮ରେ ବଳାତ୍କାର ଓ ହତ୍ୟାର ଶିକାର ହୋଇଥିବା ଡାକ୍ତରୀ ଛାତ୍ରୀଙ୍କ ମାଆବାପା ଅନଶନ ଭଙ୍ଗ କରିବା ପାଇଁ ଆମକୁ ଅନୁରୋଧ କରିଥିଲେ। ସେମାନଙ୍କ ପରାମର୍ଶକୁ ମାନି ଆମେ ଆନ୍ଦୋଳନରୁ ଓହରିବା ସହ ମଙ୍ଗଳବାର ହେବାକୁ ଥିବା ସମ୍ପୂର୍ଣ୍ଣ ବନ୍ଦରୁ ଓହରିଯାଉଛୁ।

## ଜେଏମ୍‌ଏମ୍‌ରେ ମିଶିଲେ ଭାଜପାର ୩ ପୂର୍ବତନ ବିଧାୟକ

ରାଞ୍ଚି,୨୧।୧୦

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଶାସକ ଜେଏମ୍‌ଏମ୍‌ରେ ସୋମବାର ଭାଜପାର ୩ ବିଧାୟକ ସାମିଲ ହୋଇଛନ୍ତି। ସେମାନେ ହେଲେ, ଲୋଇସ୍ ମାରାଣ୍ଡି, ଲକ୍ଷ୍ମଣ ଟୁଡୁ ଓ କୁନାଲ ଷଡଙ୍ଗୀ। ଏହା ପୂର୍ବରୁ ଭାଜପାର ୩ ଥର ବିଧାୟକ ହୋଇଥିବା କେଦାର ହାଜରା ଏବଂ ଏଜେଏସ୍‌ୟୁ ନେତା ଉମାକାନ୍ତ ରଜକ ମଧ୍ୟ ଜେଏମ୍‌ଏମ୍‌ରେ ସାମିଲ ହୋଇଥିଲେ। ଝାଡ଼ଖଣ୍ଡ ବିଧାନସଭାର ୮୧ ଆସନରେ ନଭେମ୍ବର ୧୩ ଓ ୨୦ରେ ଭୋଟଗ୍ରହଣ ଅନୁଷ୍ଠିତ ହେବ।

## ହାରିସ୍‌ଙ୍କୁ ନେଇ ଦ୍ୱନ୍ଦ୍ୱରେ ଭାରତୀୟ ଆମେରିକୀୟ

ୱାଶିଂଟନ, ୨୧।୧୦

ଆସନ୍ତା ନଭେମ୍ବର ୫ରେ ଆମେରିକା ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ଉଭୟ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ କମଲା ହାରିସ୍ ଓ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ୍ ନିଜ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହାରି ମଧ୍ୟରେ ଭାରତୀୟ ଆମେରିକୀୟ ସମୁଦାୟର ବରିଷ୍ଠ ଡେମୋକ୍ରାଟିକ୍ ନେତା ସ୍ୱଦେଶ ଚାଟାର୍ଜୀଙ୍କ ଏକ ଦାବି ହାରିସ୍‌ଙ୍କୁ ଅଡୁଆରେ ପକାଇଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଭାରତୀୟ ବଂଶୋଦ୍ଭବମାନେ ଉପରାଷ୍ଟ୍ରପତି ହାରିସ୍‌ଙ୍କୁ ଭୋଟ ଦେବାକୁ ଦ୍ୱିଧା ପ୍ରକାଶ କରୁଥିବା ସେ କହିଛନ୍ତି। ସ୍ୱଦେଶ କହିଛନ୍ତି, ପୂର୍ବରୁ କାଲିଫର୍ନିଆର ଆର୍ଟର୍ନି ଜେନେରାଲ ଥିଲେ ହେଁ ହାରିସ ଭାରତୀୟ ଆମେରିକୀୟଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରି ପାରି ନାହାନ୍ତି। ସେହିପରି ଜଣେ ସିନେଟର ଭାବରେ ସେ ଭାରତୀୟ ଆମେରିକୀୟ ସମୁଦାୟର କୌଣସି ବୈଠକ କିମ୍ବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ନାହାନ୍ତି। ତେଣୁ ଭାରତୀୟ ଆମେରିକୀୟ ସମୁଦାୟର ମତଦାତା ହାରିସ୍‌ଙ୍କୁ ଠିକ୍ ଭାବେ ଜାଣି


କମଲା ହାରିସ୍

ନ ଥିବା ସ୍ୱଦେଶ କହିଛନ୍ତି। ୨୦୦୧ରେ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ ଏହି ଡେମୋକ୍ରାଟ୍ ନେତା କହିଛନ୍ତି, ଦେଶର ଭାରତୀୟ ଆମେରିକୀୟ ସମୁଦାୟଙ୍କ ଏପରି ମନୋଭାବ ଥିବା ନେଇ ତାଙ୍କ ଦ୍ୱାରା ପରିଚାଳିତ 'ଇଣ୍ଡିଆନ ଆମେରିକାନ୍ସ ଫର୍ ହାରିସ'କୁ ତୃଣମୂଳ ସ୍ତରରୁ ପ୍ରତିକ୍ରିୟା ମିଳିଛି। ଫଳରେ ଆଗାମୀ ରାଷ୍ଟ୍ରପତି ନିର୍ବାଚନରେ ଡେମୋକ୍ରାଟିକ ପାର୍ଟି ଓ ହାରିସଙ୍କ ପାଇଁ ଆହ୍ୱାନ ସୃଷ୍ଟି ହୋଇଛି ବୋଲି ସ୍ୱଦେଶ କହିଛନ୍ତି। ସେହିପରି ଉଭୟ ଏସୀୟ ଆମେରିକୀୟ ଏବଂ ଦକ୍ଷିଣ ଏସୀୟ ଆମେରିକୀୟ ସମୁଦାୟରେ ହାରିସଙ୍କ ବିଶ୍ୱସ୍ତତା ଟ୍ରମ୍ପ୍‌ଙ୍କଠାରୁ କମ୍ ରହିଥିବା ସେ କହିଛନ୍ତି।

### ସୁପ୍ରିମକୋର୍ଟରେ ଏନ୍‌ଇଇଟି-ୟୁଜିରେ ସଂସ୍କାର ପ୍ରସଙ୍ଗ

## ରିପୋର୍ଟ ଦାଖଲ ପାଇଁ ବିଶେଷଜ୍ଞ କମିଟିକୁ ଅଧିକ ସମୟ

ନୂଆଦିଲ୍ଲୀ,୨୧।୧୦

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟି-ୟୁଜି ପରୀକ୍ଷାରେ ସଂସ୍କାର ଆଣିବା ନିମନ୍ତେ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର କାର୍ଯ୍ୟକାରିତାର ସମୀକ୍ଷା କରି ରିପୋର୍ଟ ଦାଖଲ ନିମନ୍ତେ କେନ୍ଦ୍ର ସରକାର ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଏକ ୭ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ଏପର୍ଯ୍ୟନ୍ତ ରିପୋର୍ଟ ଦାଖଲ କରି ନ ଥିବାବେଳେ ସୁପ୍ରିମକୋର୍ଟ ସୋମବାର ଏହାକୁ ଆଉ ୨ ସପ୍ତାହ ସମୟ ଦେଇଛନ୍ତି। କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଉପସ୍ଥିତ ରହି କମିଟିର ସମୟସୀମା ବଢ଼ାଇବା ପାଇଁ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ଚଳିତ ବର୍ଷ ଏନ୍‌ଇଇଟି-ୟୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ପରୀକ୍ଷାକୁ ସ୍ୱଚ୍ଛ ଏବଂ ନିରପେକ୍ଷ କରିବା ସହ ଅସାଧୁ କାର୍ଯ୍ୟରୁ ମୁକ୍ତ କରିବାକୁ ହେଲେ ଅନେକଗୁଡ଼ିଏ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସର୍ବୋଚ୍ଚ ଅଦାଲତ ଅଗଷ୍ଟ ୨ରେ ଦେଇଥିବା ନିର୍ଦ୍ଦେଶନାମାରେ କହିଥିଲେ। ତେଣୁ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ସୁପାରିସ କରିବା ନିମନ୍ତେ କେନ୍ଦ୍ର ସରକାର ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ବିଶେଷଜ୍ଞ କମିଟି ଗଠନ କରିଥିଲେ।

---

### ରାଜ୍ୟ ଖବର

## ସ୍କୁଲ ନ ଯାଇ ଗଛମୂଳେ ପଢୁଛନ୍ତି ଛାତ୍ରୀଛାତ୍ର


ସିରଲିଗୁଡ଼ା ଗାଁରେ ପିଲାମାନେ ସ୍କୁଲ ନ ଯାଇ ଗଛତଳେ ପଢୁଛନ୍ତି।

ଉମରକୋଟ, ୨୧।୧୦
(ସନ୍ତୋଷ ଶତପଥୀ)

ନବରଙ୍ଗପୁରରେ ଜିଲାଭିତ୍ତିକ ଶିକ୍ଷକ ନିଯୁକ୍ତିକୁ ନେଇ ଅଭିଭାବକଙ୍କ ସମର୍ଥନ ବଢୁଛି। ପୂର୍ବରୁ ଅବିଭକ୍ତ କୋରାପୁଟ ଜିଲା ବନ୍ଦ, ସ୍କୁଲରେ ନୂତନ ଶିକ୍ଷକଙ୍କ ଯୋଗଦାନକୁ ବିରୋଧ ପରେ ମଧ୍ୟ ସରକାର ଦାବିପ୍ରତି ଦୃଷ୍ଟି ଦେଇ ନ ଥିବାରୁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲ ପଠାଉ ନାହାନ୍ତି। ଦଶହରା ଛୁଟି ପରେ ଶୁକ୍ରବାରରୁ ସ୍କୁଲ ଖୋଲିଥିବାବେଳେ ସେବେଠାରୁ ହିଁ ଅଭିଭାବକମାନେ ପିଲାଙ୍କୁ ବିଦ୍ୟାଳୟକୁ ଛାଡୁନାହାନ୍ତି। ସୋମବାର ସ୍କୁଲ ଖୋଲିବାର ତୃତୀୟ ଦିନରେ ଉମରକୋଟ ବ୍ଲକ ବୁର୍ଜା ପଞ୍ଚାୟତସ୍ଥିତ ସିରଲିଗୁଡ଼ା ଗ୍ରାମବାସୀ ପିଲାଙ୍କୁ ସ୍କୁଲ ପଠାଇ ନ ଥିଲେ। ପିଲାମାନଙ୍କ ପାଠପଢ଼ା ଯେଭଳି ପ୍ରଭାବିତ ନ ହେବ ସେଥିପାଇଁ ଏକ ଗଛମୂଳେ ଗାଁର ଶିକ୍ଷିତ ଯୁବତୀଯୁବକ ସେମାନଙ୍କୁ ପଢ଼ାଉଥିବା ଦେଖିବାକୁ ମିଳିଛି। ଛାତ୍ରୀଛାତ୍ର ଗଛ ମୂଳେ ପଢୁଥିବା ଖବର ପାଇ ସିରଲିଗୁଡା ସ୍କୁଲ ପ୍ରଧାନଶିକ୍ଷକ ଦିବ୍ୟରଞ୍ଜନ ସୁନାନୀ ଘଟଣାସ୍ଥଳକୁ ଆସି ଅଭିଭାବକଙ୍କୁ ବୁଝାଇ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅନୁରୋଧ କରିଥିଲେ। ଅଭିଭାବକମାନେ କିନ୍ତୁ ନିଜ ଜିଦ୍‌ରେ ରହିଥିଲେ। ଯେବେ ପର୍ଯ୍ୟନ୍ତ ଜିଲାଭିତ୍ତିକ ନିଯୁକ୍ତିକୁ ନେଇ ସରକାର ଦାବି ମାନି ନାହାନ୍ତି ସେଦିନ ଧରି ପିଲାଙ୍କୁ ସ୍କୁଲ ଛାଡ଼ିବୁ ନାହିଁ ବୋଲି ଅଭିଭାବକମାନେ କହିଛନ୍ତି। ଘଟଣାକୁ ନେଇ ବିଇଓ ବିକାଶ ଚନ୍ଦ୍ର ସରକାରଙ୍କୁ ପଚାରିବାରୁ ଉମରକୋଟ ବ୍ଲକର ୧୮୩ ସ୍କୁଲରେ ପାଠପଢ଼ା ଚାଲିଥିଲା। ୯୫ ସ୍କୁଲକୁ ପିଲା ଆସି ନ ଥିବାରୁ ପାଠପଢ଼ା ହୋଇ ନ ଥିବା ସେ କହିଛନ୍ତି।

### ଢେଙ୍କାନାଳ ଲକ୍ଷ୍ମୀପୂଜା ବୁଲିଲେ ମୁଖ୍ୟମନ୍ତ୍ରୀ

## ମା'ଙ୍କ ଆଳତି କରି ପୂଜାର୍ଚ୍ଚନା କଲେ

ଢେଙ୍କାନାଳ,୨୧।୧୦(ରତନ ନାୟାର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାତି ସାଢ଼େ ୮ଟାରେ ଢେଙ୍କାନାଳ ଗସ୍ତରେ ଆସି ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉତ୍ସବ ବୁଲି ଦେଖିବା ସହ ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କ ଆଳତି ଓ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ସ୍ତ୍ରୀ ଡ. ପ୍ରିୟଙ୍କା ମାର୍ଣ୍ଡି ମଧ୍ୟ ଉପସ୍ଥିତ ଥିଲେ।

ସର୍କିଟ ହାଉସ ଠାରେ କାର୍ ଯୋଗେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହାପରେ ସେ ବସ୍‌ଷ୍ଟାଣ୍ଡଠାରେ ଢେଙ୍କା ଶବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେ ପ୍ରଥମେ ବସ୍‌ଷ୍ଟାଣ୍ଡ ପୂଜା ମଣ୍ଡପ ଓ ପରେ ଗଣେଶ ବଜାର ପୂଜା ମଣ୍ଡପ, ମହାବୀର ବଜାର ପୂଜା ମଣ୍ଡପ, ଲକ୍ଷ୍ମୀ ବଜାର ପୂଜା ମଣ୍ଡପ ଓ ଜବାହର ଚୌକ ପୂଜା ମଣ୍ଡପ ଏବଂ ଶେଷରେ ମିନାବଜାର ପୂଜା ମଣ୍ଡପକୁ ଯାଇ ମା' ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରିଥିଲେ। ସହରର ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ସହସ୍ରାଧିକ


ମିନାବଜାର ପୂଜା ପ୍ରତିଷ୍ଠାନରେ ମା' ଲକ୍ଷ୍ମୀଙ୍କ ଆଶିଷ ଭିକ୍ଷା କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ।

ଲୋକ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲା ବେଳେ ମୁଖ୍ୟମନ୍ତ୍ରୀ ମଧ୍ୟ ସମସ୍ତଙ୍କୁ ହାତ ହଲାଇ ଲକ୍ଷ୍ମୀପୂଜା ଉତ୍ସବ ପାଇଁ ଶୁଭେଚ୍ଛା ଜଣାଉଥିବା ଦେଖାଯାଇଥିଲା। ପୂଜାମଣ୍ଡପ ଗୁଡିକରେ ମୁଖ୍ୟମନ୍ତ୍ରୀଙ୍କୁ ପୂଜା କମିଟିର ସମସ୍ତ କର୍ମକର୍ତ୍ତା, ଅଞ୍ଚଳବାସୀ ଏବଂ ମିଳିତ ବଜାର ପୂଜା କମିଟି ପକ୍ଷରୁ ଭବ୍ୟ ଓ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର ଏବଂ ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରାମଚନ୍ଦ୍ର ପାତ୍ର ଉପସ୍ଥିତ ଥିଲେ।

## ମୁଖାଗ୍ନି ଦେଲେ ୮ ବର୍ଷର ପୁଅ

ପୁରୁଷୋତ୍ତମପୁର,୨୧।୧୦
(ସୀମାଞ୍ଚଳ ମିଶ୍ର)

### ଖାଜିପଲ୍ଲୀରେ ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା

### ଭଉଣୀଭାଇଙ୍କୁ ପ୍ରଶାସନ ସହାୟତା କରିବାକୁ ଗ୍ରାମବାସୀଙ୍କ ଦାବି

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ କେଏନପୁର ପଞ୍ଚାୟତର ଖାଜିପଲ୍ଲୀ ଗ୍ରାମରେ ରବିବାର ଏକ ଦମ୍ପତି ସନ୍ତୋଷ ସାହୁ (୪୦) ଓ ସସ୍ମିତା ସାହୁ (୩୩) ଆତ୍ମହତ୍ୟା କରିଥିଲେ। ଶୋକାକୁଳ ପରିବେଶ ମଧ୍ୟରେ ସୋମବାର ଦମ୍ପତିଙ୍କ ଗାଁ ଶ୍ମଶାନରେ ଜୁଇ ଜଳିଛି। ସେମାନଙ୍କ ନିଷ୍ପାପ ଶିଶୁପୁତ୍ର ଶୁଭମ (୮) ମାଆବାପାଙ୍କୁ ମୁଖାଗ୍ନି ଦେଇଥିଲେ। ମା'ବାପାଙ୍କୁ ହରାଇ ଭଉଣୀ ସୋନାଲି (୧୨) ଓ ଭାଇ ଶୁଭମ୍ ଅନାଥ ହୋଇ ବେସାହାରା ହୋଇ ପଡିଛନ୍ତି। ସେମାନଙ୍କୁ ପ୍ରଶାସନ ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ଦିଗରେ ସରକାର, ଜିଲା ପ୍ରଶାସନ ଓ ଶିଶୁ ସୁରକ୍ଷା ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସାମାଜିକ କର୍ମୀ ଏନ. ରାମଚନ୍ଦ୍ର ରେଡ୍ଡି ଏହି ଭଉଣୀଭାଇଙ୍କୁ କିଛି ଆର୍ଥିକ ସହାୟତା ଦେଇଛନ୍ତି। ସେମାନଙ୍କ ପାଠପଢା ଦାୟିତ୍ୱ ନେବେ ବୋଲି ରାମଚନ୍ଦ୍ର କହିଛନ୍ତି। ଅନ୍ୟପକ୍ଷରେ ସରପଞ୍ଚ ରାଜଲକ୍ଷ୍ମୀ ବେହେରା ପଞ୍ଚାୟତ ପକ୍ଷରୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ପୁରୁଷୋତ୍ତମପୁର ପୋଲିସ ନଂ. ୧୬/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହର ବ୍ୟବଚ୍ଛେଦ କରାଇଥିଲେ। ପାରିବାରିକ କଳହରୁ ପ୍ରଥମେ ସ୍ତ୍ରୀ ସସ୍ମିତା ବିଷ ପିଇଦେଇଥିବା ବେଳେ ଏହାକୁ ଦେଖି ଭୟଭୀତ ହୋଇ ସ୍ୱାମୀ ସନ୍ତୋଷ ମଧ୍ୟ ଫାଶି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଏସ୍‌ଆଇ ସୁଶାନ୍ତ ମିଶ୍ର କହିଛନ୍ତି।

# ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡ଼ିବ ହକି

ମେଲବୋର୍ନ,୨୧।୧୦(ପି.ଟି.)

ରାଜ୍ୟଗୋଷ୍ଠୀ କ୍ରୀଡାରୁ ହକି ଇଭେଣ୍ଟ ବାଦ ପଡିବାକୁ ଯାଉଛି। ୨୦୨୬ରେ ରାଜ୍ୟଗୋଷ୍ଠୀ କ୍ରୀଡା ଆରମ୍ଭରୁ ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବର୍ଦ୍ଧିତ ଖର୍ଚ୍ଚକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଓହରି ଯାଇଥିବା ବେଳେ ବର୍ତ୍ତମାନ ଏହା ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ଖର୍ଚ୍ଚକାଟକୁ ଦୃଷ୍ଟିରେ ରଖି ଆସନ୍ତା ଗେମ୍‌ରୁ ହକିକୁ ବାଦ ଦେବା ପାଇଁ ସ୍କଟଲାଣ୍ଡ ନିଷ୍ପତ୍ତି ନେଇଛି। ତେବେ ଏ ସମ୍ପର୍କରେ ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫ୍ଆଇଏଚ୍) ଓ ରାଜ୍ୟଗୋଷ୍ଠୀ ଗେମ୍ସ ଫେଡେରେଶନ(ସିଜିଏଫ୍) ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ପାଇନାହିଁ। ୧୯୯୮ରେ ହକି ପଦାର୍ପଣ କରିବା ପରଠାରୁ ଏହା ରାଜ୍ୟଗୋଷ୍ଠୀ କ୍ରୀଡାର ଏକ ପ୍ରମୁଖ ଅଂଶ ରହି ଆସିଛି। ଯଦିଓ ଏ ସମ୍ପର୍କରେ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ତେବେ ଗ୍ଲାସ୍‌ଗୋର ଆୟୋଜକ ମାନେ ହକିକୁ ବାଦ୍ ଦେବାକୁ ଚାହୁଁଥିବା ଜଣାପଡିଛି। ଏଫ୍ଆଇଏଚ୍ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନ ଥିବା ବେଳେ ମଙ୍ଗଳବାର ଚୂଡାନ୍ତ କାର୍ଯ୍ୟସୂଚୀ ଆସିବାକୁ ଅପେକ୍ଷା ଥିବା କହିଛି। ଆସନ୍ତା କିଛିଦିନ ମଧ୍ୟରେ କାର୍ଯ୍ୟସୂଚୀ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ ତା'ପରେ ଏହା ଉପରେ ପ୍ରତିକ୍ରିୟା ଦେବା ଠିକ୍ ରହିବ ବୋଲି ଏଫ୍ଆଇଏଚ୍ କହିଛି। ସେହିପରି ବର୍ମିହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଭେଣ୍ଟ ସଂଖ୍ୟା ୧୯ ରହିଥିବା ବେଳେ ଚଳିତବର୍ଷ ଏହାକୁ ୧୦କୁ ହ୍ରାସ କରାଯାଇଛି। ଜୁଲାଇ ୨୩ରୁ ଅଗଷ୍ଟ ୨ ମଧ୍ୟରେ ଏହା ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟର ୨ ସପ୍ତାହ ପରେ ବେଲଜିୟମ ଓ ନେଦରଲାଣ୍ଡରେ ହକି ବିଶ୍ୱକପ ଆୟୋଜିତ ହେବାକୁ ଯାଉଛି। ତେଣୁ ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ହକିକୁ ସାମିଲ କରା ନ ଯିବାକୁ ଯୋଜନା କରାଯାଇଥିବା କୁହାଯାଇଛି। ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମାତ୍ର ୪ ଭେନ୍ୟୁ ରଖାଯାଇଛି। କମନୱେଲ୍‌ଥ ଆରେନା, ସାର୍ କ୍ରିସ୍ ହୟ ଭେଲ୍‌ଡୋରମ, ସ୍କଟ୍‌ସଟାଉନ ଷ୍ଟାଡିୟମ ଓ ଟୋଲ୍‌କ୍ରସ ଇଣ୍ଟରନ୍ୟାଶନାଲ ସୁଇମିଙ୍ଗ ସେଣ୍ଟରରେ ଏହି ଇଭେଣ୍ଟଗୁଡିକ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ଏହି ୪ ଭେନ୍ୟୁ ମଧ୍ୟରେ କୌଣସି ବି ସ୍ଥାନରେ ହକି ଟର୍ଫ ନ ଥିବାରୁ ହକି ବାଦ୍ ପଡ଼ିବା ଆପାତତଃ ସ୍ପଷ୍ଟ ହୋଇ ସାରିଛି।

ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରୁ ହକି ବାଦ୍ ପଡିବା ଭାରତକୁ ଏକ ବଡ ଝଟକା। ଭାରତୀୟ ପୁରୁଷ ଦଳ ୩ ଥର ରୌପ୍ୟ ଓ ୨ ଥର ବ୍ରୋଞ୍ଜ ପଦକ ଜିତିଥିବା ବେଳେ ମହିଳା ଦଳ ସମୁଦାୟ ୩ ପଦକ ବିଜୟୀ ହୋଇଛି। ଏପରିକି ୨୦୦୦ ସଂସ୍କରଣରେ ମହିଳା ଦଳ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲା। ତେବେ ଅଷ୍ଟ୍ରେଲିଆ ସବୁଠାରୁ ଅଧିକ ପ୍ରଭାବିତ ହେବ। ପୁରୁଷ ବର୍ଗରେ ଏହା ରେକର୍ଡ ୭ ଥର ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହିଳା ବର୍ଗରେ ୪ ଥର ସ୍ୱର୍ଣ୍ଣ ଜିତିଛି।

## ସ୍ୱିଟେକ୍‌ଙ୍କୁ ହଟାଇ ସାବାଲେଙ୍କା ନମ୍ବର ୱାନ୍



ସେଣ୍ଟ ପିଟର୍ସବର୍ଗ, ୨୧।୧୦ (ଏପି): ଇଗା ସ୍ୱିଟେକ୍‌ଙ୍କ ୧୧ ମାସର ଆଧିପତ୍ୟର ଅବସାନ ଘଟାଇ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ ତାଲିକାର ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି ୟୁଏସ୍ ଓପନ ଚାମ୍ପିୟନ ଆରିନା ସାବାଲେଙ୍କା। ସୋମବାର ପ୍ରକାଶିତ ର୍ୟାଙ୍କିଙ୍ଗ ତାଲିକାରେ ସ୍ୱିଟେକ୍‌ଙ୍କଠାରୁ ୪୧ ପଏଣ୍ଟ ଆଗରେ ରହିଛନ୍ତି ସାବାଲେଙ୍କା। ଗତବର୍ଷ ସେପ୍ଟେମ୍ବରରୁ ନଭେମ୍ବର ସ୍ୱଳ୍ପ ସମୟ ପାଇଁ ନମ୍ବର ୱାନ ରହିଥିବା ଏହି ବେଲାରଷିଆନ ଖେଳାଳି ଅକ୍ଟୋବର ୧୩ରେ ଉହାନ ଓପନ ଜିତିବା ପରେ ନମ୍ବର ୱାନ ସ୍ଥାନ ପକ୍କା କରିସାରିଥିଲେ। ସେମାବାର ତାଙ୍କୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି ମାତ୍ର। ଚଳିତ ସିଜନରେ ସ୍ୱିଟେକ୍ ଗତଥର ୟୁଏସ ଓପନ ଖେଳିଥିଲେ। ଏହା ପରେ ସେ ତାଙ୍କ କୋଚ୍ ପରିବର୍ତ୍ତନ ପାଇଁ ଟାଇମ୍‌ଆଉଟ ନେଇଥିଲେ। ୟୁଏସ ଓପନରେ ସ୍ୱିଟେକ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଜେସିକା ପେଗୁଲାଙ୍କଠାରୁ ହାରିଯାଇଥିଲେ। ପେଗୁଲା ଫାଇନାଲରେ ସାବାଲେଙ୍କାଙ୍କଠାରୁ ପରାସ୍ତ ହୋଇଥିଲେ। ସାବାଲେଙ୍କା ଆହୁରି ମଧ୍ୟ ଜାନୁଆରୀରେ ତାଙ୍କ ଅଷ୍ଟ୍ରେଲିଆନ ଓପନ ଟାଇଟଲ ବଜାୟ ରଖିଥିଲେ। ଆସନ୍ତା ମାସରେ ସାଉଦି ଆରବର ରିୟାଦଠାରେ ଖେଳାଯିବାକୁଥିବା ଡବ୍ଲ୍ୟୁଟିଏ ଫାଇନାଲ୍ସରେ ସ୍ୱିଟେକଙ୍କୁ ନମ୍ବର ୱାନ ସ୍ଥାନକୁ ଫେରିବା ଲାଗି ସୁଯୋଗ ରହିଛି।

## ଜୟପୁର ପିଙ୍କ୍ ପାନ୍ଥର୍ସର ରୋମାଞ୍ଚକ ବିଜୟ

ହାଇଦ୍ରାବାଦ, ୨୧।୧୦ (ପି.ଟି.): ଚଳିତ ପ୍ରୋ-କବାଡ଼ି ଲିଗ୍‌ରେ ସୋମବାର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବେଙ୍ଗଲ ୱାରିଅର୍ଜକୁ ୩୯-୩୪ରେ ପରାସ୍ତ କରି ଜୟପୁର ପିଙ୍କ୍ ପାନ୍ଥର୍ସ ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଜୟପୁର ପିଙ୍କ୍ ପାନ୍ଥର୍ସ ତରଫରୁ ଅଧିନାୟକ ଅର୍ଜୁନ ଦେଶୱାଲ ୧୫ ପଏଣ୍ଟ ସ୍କୋର କରିଥିବା ବେଳେ ବେଙ୍ଗଲ ୱାରିଅର୍ଜ ପକ୍ଷରୁ ନୀତିନ ଧନକର ୧୩ ପଏଣ୍ଟ ସ୍କୋର କରିଥିଲେ। ଉଭୟ ଦଳ ପ୍ରଥମ ପର୍ଯ୍ୟାୟରେ ଧୈର୍ଯ୍ୟର ସହିତ ଖେଳିଥିଲେ। ମଧ୍ୟାନ୍ତର ସୁଦ୍ଧା ପିଙ୍କ ପାନ୍ଥର୍ସ ୨୧-୧୮ରେ ଅଗ୍ରଣୀ ରହିଥିଲା। ମ୍ୟାଚର ଅନ୍ତିମ କ୍ଷଣରେ ଅଭିଷେକ କେଏସଙ୍କ ସୁପର ଟାକଲ ବଳରେ ଜୟପୁର ପିଙ୍କ୍ ପାନ୍ଥର୍ସ ମ୍ୟାଚକୁ ଜିତି ନେଇଥିଲା।

# ଚେସ୍: ଜୟଲକ୍ଷ୍ମୀ, ଲଳିତ ଚାମ୍ପିୟନ




କୃତି ଖେଳାଳିମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

କଟକ ଜିଲା ଚେସ୍ ଆସୋସିଏଶନ ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମସ୍ଥିତ ହର୍ସ ଗେଟ୍ ପରିସରରେ ସୋମବାର ରାଜ୍ୟ ୧୫ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ ହୋଇଛି। ୩ ଦିନ ବିଶିଷ୍ଟ ପ୍ରତିଯୋଗିତାର ବାଳିକା ବିଭାଗରେ କଟକର ଜୟଲକ୍ଷ୍ମୀ ସାହୁ ଓ ବାଳକରେ ଲଳିତ ରଞ୍ଜନ ସାହୁ ଚାମ୍ପିୟନ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏ ପାଇଛନ୍ତି। ବାଳିକା ବର୍ଗରେ ଶ୍ରଦ୍ଧା ସ୍ମରଣିକା ନନ୍ଦ, ସ୍ନେହଯୁକ୍ତା ବେହେରା, ପଦ୍ମିନୀ ପାଣିଗ୍ରାହୀ, ସୃଷ୍ଟି ଶ୍ରେୟାସୀ, ଜ୍ୟୋତିକା ସାହୁ, ଦୃଷ୍ଟି ପ୍ରଧାନ, ସାଇ ଅଦ୍ରେଇ ମହାପାତ୍ର, ଇଶାନୀ ଦାସ ଓ ନୈନିକା ସାହୁ ଟପ୍-୧୦ ଫିନିଶ୍ କରିଛନ୍ତି। ସେହିପରି ବାଳକ ବର୍ଗରେ ଆର୍ଯ୍ୟନ ବେହେରା, ଶ୍ରୀହନ ସବତ, ସାତ୍ତ୍ୱିକ ଶୁଭମ୍ ପଟ୍ଟନାୟକ, ଆୟୁଷ ଆର୍ଯ୍ୟନ ମହାପାତ୍ର, ଆଦିତ୍ୟ ବିକ୍ରମ ମିଶ୍ର, ପ୍ରତ୍ୟୁଷ ନାୟକ, ପ୍ରତ୍ୟାଶା ଜେନା, କେ. ସାଇକ୍ରିଷ୍ଣା ଦୋରା ଓ ରିଦ୍ଧିକ ରାଜ ମିଶ୍ର ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ୩ ଜଣ ଲେଖାଏ ବାଳିକା ଓ ବାଳକ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ପୁରସ୍କାରରେ ସମ୍ମାନିତ କରାଯାଇଛି। ଉଭୟ ବାଳିକା ଓ ବାଳକ ବର୍ଗର ଶ୍ରେଷ୍ଠ ୪ ଜଣ ଲେଖାଏ ଖେଳାଳି ଜାତୀୟ ୧୫ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଜାତୀୟ ପ୍ରତିଯୋଗିତା ତାମିଲନାଡୁର ହୋସୁରଠାରେ ନଭେମ୍ବର ୩ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଏବଂ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ଓ ଶିଳ୍ପପତି ପ୍ରଦୀପ ସିଂ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କଟକ ଜିଲା ଚେସ୍ ସଂଘ ସଭାପତି ବିବେକ କୁମାର ତିବରୱାଲ, ଉପସଭାପତି ପ୍ରଶାନ୍ତ କୁମାର, ସମ୍ପାଦକ ଅଜୟ କୁମାର ନାୟକ, ପ୍ରତିଷ୍ଠିତ କୋଚ୍ ସତ୍ୟରଞ୍ଜନ ପଟ୍ଟନାୟକ, ସନ୍ତୋଷ କୁମାର ପୃଷ୍ଟି, ଫନିନ୍ଦ୍ର ନାଥ ମହାନ୍ତି, ରାଜେନ୍ଦ୍ର କୁମାର ସେଠୀ, ଶ୍ରୀତମ ପୃଷ୍ଟି, ସେକ୍ ମନସୁର ଅଲୀ, ଜ୍ୟୋତି ପ୍ରକାଶ ମହାପାତ୍ର, ସୁଧିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଆର୍ବିଟର ନିହାର ରଞ୍ଜନ ସାସମଲ, ତାପସ ମହାନ୍ତି ଏବଂ ପିଙ୍କି ମହାପାତ୍ର ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

## ପ୍ରଥମ ଦିନରେ ୧୬ ଉଇକେଟର ପତନ

ଢାକା,୨୧।୧୦: ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଢାକାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟର ପ୍ରଥମ ଦିନରେ ୧୬ ଉଇକେଟର ପତନ ଘଟିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୦୬ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ଷ୍ଟମ୍ପସ ବେଳକୁ ଦକ୍ଷିଣ ଆଫ୍ରିକା ୬ ଉଇକେଟ ହରାଇ ୧୪୦ ରନ୍ କରିଛି। ଫଳରେ ଦଳ ହାତରେ ୪ ଉଇକେଟ ଥାଇ ଏହା ୩୪ ରନ୍‌ରେ ଆଗୁଆ ରହିଛି।

ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ତେବେ ଦକ୍ଷିଣ ଆଫ୍ରିକୀୟ ପେସ୍ ବୋଲରମାନେ ମିଳିତ ଭାବରେ ୬ ଉଇକେଟ ନେବାରୁ ବାଂଲାଦେଶ ଇନିଂସ ମାତ୍ର ୧୦୬ ରନ୍‌ରେ ଶେଷ ହୋଇଥିଲା। ଭ୍ରମଣକାରୀ ଦଳ ପକ୍ଷରୁ କାଗିସୋ ରାବାଡା, ୱିଆନ୍ ମୁଲ୍ଡର ଓ କେଶବ ମହାରାଜ ୩ଟି ଲେଖାଏ ଡାନ୍ ପିଟ୍ ୧ ଉଇକେଟ ନେଇଥିଲେ। ବାଂଲାଦେଶ ପକ୍ଷରୁ ମାତ୍ର ୪ ଜଣ ଖେଳାଳି ୨ ଅଙ୍କ ସ୍କୋର ଛୁଇଁ ପାରିଥିବା ବେଳେ ଓପନର ମହମୁଦ ହସନ ଜୟ ସର୍ବାଧିକ ୩୦ ରନ୍ ସ୍କୋର କରିଥିଲେ।

ଜବାବରେ ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭ କରି ୧୪୦ ରନ୍‌ରେ ୬ ଉଇକେଟ ହରାଇଛି। ଦଳ ପକ୍ଷରୁ ଓପନର ଟୋନି ଡି ଜୋର୍ଜି ସର୍ବାଧିକ ୩୦ ରନ୍ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ର୍ୟାନ ରେକେଲଟନ୍ ୨୭ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୩ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ କାଇଲ ଭେରିନିନ୍ ୧୮ ଓ ୱିୟାନ ମୁଲ୍ଡର ୧୭ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଦକ୍ଷିଣ ଆଫ୍ରିକା ଇନିଂସର ୬ ଉଇକେଟ ମଧ୍ୟରୁ ୫ଟି ତାଇଜୁଲ ଇସଲାମଙ୍କ ଖାତାରେ ପଡିଥିଲା। ଅନ୍ୟ ଉଇକେଟଟି ହସନ ମେହମୁଦ ନେଇଥିଲେ। ଟେଷ୍ଟ କ୍ରିକେଟରେ ଏହା ତାଙ୍କର ୧୩ତମ ୫ ଉଇକେଟ ସଫଳତା। ପ୍ରଥମ ଦିନରେ ୧୬ ଉଇକେଟର ପତନ ଘଟିଥିବା ବେଳେ ଏହି ମ୍ୟାଚ୍‌ରୁ ଫଳାଫଳ ମିଳିବା ସ୍ପଷ୍ଟ ହୋଇଯାଇଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ ୪୦.୧ ଓଭରରେ ୧୦୬/୧୦ (ମହମୁଦ ହସନ ଜୟ-୩୦, ତାଇଜୁଲ ଇସଲାମ-୧୬, ମେହିଦୀ ହସନ ମିରାଜ-୧୩, ୱିୟାନ୍ ମୁଲ୍ଡର-୩/୨୨, କାଗିସୋ ରାବାଡା-୩/୨୬, କେଶବ ମହାରାଜ-୩/୩୪)। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ୪୧ ଓଭରରେ ୧୪୦/୬(ଟୋନି ଡି ଜର୍ଜି-୩୦, ର୍ୟାନ ରେକେଲଟନ୍-୨୭, ଟ୍ରିଷ୍ଟାନ ଷ୍ଟବ-୨୩, ତାଇଜୁଲ ଇସଲାମ-୫/୪୯, ହସନ ମେହମୁଦ-୧/୩୧)।

# ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୩ ପଦକ



ପଦକ ସହ ଓଡ଼ିଶା ପାରା ସନ୍ତରଣ ତାରକା।

**ଜାତୀୟ ପାରା ସନ୍ତରଣ**

ଭୁବନେଶ୍ୱର,୨୧।୧୦(ସରୋଜ ଜେନା)

ଗୋଆର ପଣଜୀରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପର ଦ୍ୱିତୀୟ ଦିନରେ ଓଡ଼ିଶାକୁ ୧୩ ପଦକ ମିଳିଛି। ଓଡ଼ିଆ ଖେଳାଳିମାନେ ୬ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ଗୋଟିଏ ବ୍ରୋଞ୍ଜ ଜିତିବାରେ ସକ୍ଷମ ହୋଇଥିଲେ। ଏସ୍-୪ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ କମଳାକାନ୍ତ ନାୟକ ୧:୧୪.୬୮ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏସ୍-୫ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ଆକାଶ ବନଛୋର ୫୪.୫୧ ସେକେଣ୍ଡର ଟାଇମିଂ ସହ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହା ସହିତ ସେ ୫୦ ମିଟର ଫ୍ରିଷ୍ଟାଇଲ ଇଭେଣ୍ଟରେ ୫୧.୯୧ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ଦୀନେଶ ମୋହନ ମାଝୀ ଏସ୍-୧୦ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୧୦.୩୬ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ କରାୟତ୍ତ କରିଥିଲେ। କବିତା ଦଳାଇ ଏସ୍-୬ ବର୍ଗରେ ଦୁଇଟି ରୌପ୍ୟ ଜିତିଥିଲେ। ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୧୦.୩୬ ସେକେଣ୍ଡର ଟାଇମିଂ ଓ ୧୦୦ ମିଟର ଫ୍ରିଷ୍ଟାଇଲରେ ୨:୨୩.୩୮ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। ରିଙ୍କି ବେହେରା ମହିଳା ଏସ-୧୨ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୦୪.୯୧ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନରହରି ବେହେରା ଏସ-୫ ବର୍ଗର ୫୦ ମିଟର ଫ୍ରିଷ୍ଟାଇଲରେ ୪୨.୨୫ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ଓ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୨:୪୬.୩୦ ସେକେଣ୍ଡର ଟାଇମିଂ ସହ ରୌପ୍ୟ ପଦକ ଜିତିଥିଲେ। କାହ୍ନା ପାତ୍ର ୧୦୦ ମିଟର ବ୍ୟାକ ଷ୍ଟ୍ରୋକ୍‌ରେ ୧:୫୨.୮୬ ସେକେଣ୍ଡର ଟାଇମିଂ ନେଇ ସ୍ୱର୍ଣ୍ଣ ଜିତିଥିଲେ। ଏସ୍-୯ ବର୍ଗର ୫୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୧:୦୫.୧୪ ସେକେଣ୍ଡର ଟାଇମିଂ ସହ ଭାନୁମତୀ ବେହେରା ରୌପ୍ୟ, ଏସ-୧୧ ଇଭେଣ୍ଟରେ ରଞ୍ଜନ ହାଁସଦା ୫୭.୫୪ ସେକେଣ୍ଡ ସହ ରୌପ୍ୟ ଓ ପୁରନ୍ଦର ରୋହିଦାସ ୧୦୦ ମିଟର ବ୍ୟାକଷ୍ଟ୍ରୋକ ଇଭେଣ୍ଟରେ ୨:୧୫.୬୦ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଥିଲେ।

# କଳିଙ୍ଗରେ ଆଜି ଓଡ଼ିଶା ଏଫ୍‌ସି-ଇଷ୍ଟ ବେଙ୍ଗଲ

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

କିଛିଦିନର ବ୍ରେକ୍ ପରେ ଓଡ଼ିଶା ଏଫ୍‌ସି ପୁଣି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଆକ୍ସନକୁ ଫେରିବାକୁ ଯାଉଛି। କଳିଙ୍ଗ ଷ୍ଟାଡିୟମରେ ଏହି ଦଳ ମଙ୍ଗଳବାର ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ଭେଟିବ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଆରମ୍ଭ ଭଲ ହୋଇନାହିଁ। ଦଳ ଏପର୍ଯ୍ୟନ୍ତ ୪ଟି ମ୍ୟାଚ ଖେଳିଥିବାବେଳେ ଗୋଟିଏ ଲେଖାଏ ବିଜୟ ଓ ଡ୍ର ଏବଂ ୨ଟି ପରାଜୟ ସହିତ ୪ ପଏଣ୍ଟ ପାଇଛି। ଦଳ ଅକ୍ଟୋବର ୩ରେ ଏହାର ଶେଷ ମ୍ୟାଚ କେରଳ ବ୍ଲାଷ୍ଟର୍ସ ବିପକ୍ଷରେ ଖେଳିଥିଲା ଏବଂ ମ୍ୟାଚଟି ଡ୍ର ରହିଥିଲା। ଆଗାମୀ ମ୍ୟାଚରେ ବିଜୟ ଏକମାତ୍ର ଲକ୍ଷ୍ୟ ରହିବ ବୋଲି ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ଖେଳାଳି ଆମେ ରାନାୱାଡେ। ଇଷ୍ଟ ବେଙ୍ଗଲ ଚଳିତ ସିଜନରେ ୫ଟି ମ୍ୟାଚ ଖେଳିସାରିଥିଲେ ହେଁ ବିଜୟ ସ୍ୱାଦ ଚାଖିନାହିଁ। ଏଥିରୁ ଫାଇଦା ନେବା ଲକ୍ଷ୍ୟରେ ରହିଛି ଓଡ଼ିଶା ଏଫ୍‌ସି। ଗତ ସିଜନରେ ଇଷ୍ଟ ବେଙ୍ଗଲ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲେ ହେଁ ଓଡ଼ିଶା ଏଫ୍‌ସି ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିଥିଲା। ଏଥର ଆହତ ସମସ୍ୟାରୁ ମୁକୁଳି କାର୍ଲୋସ ଡେଲଗାଡୋ ଓ ସାଭିଅର ଗାମା ଟ୍ରେନିଂ ଆରମ୍ଭ କରିଛନ୍ତି। ଏହା ଓଡ଼ିଶା ଏଫ୍‌ସିକୁ ମଜଭୁତ କରିଛି। ସେମାନେ ଆଗାମୀ ମ୍ୟାଚରେ ଅନ୍ତତଃ କିଛି ସମୟ ଖେଳିବେ ବୋଲି ସ୍ପଷ୍ଟ ହୋଇଛି।

"ଆଗାମୀ ମ୍ୟାଚରେ ୩ ପଏଣ୍ଟ ହାସଲ କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ। ଆସନ୍ତା ମ୍ୟାଚ ଆମ ପ୍ରଶଂସକଙ୍କ ପାଇଁ ସ୍ୱତନ୍ତ୍ର ହୋଇଥିବାରୁ ଶ୍ରେଷ୍ଠ ପ୍ରଦର୍ଶନ ଉପରେ ଫୋକସ ରହିଛି। ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲ ପଏଣ୍ଟ ଟେବୁଲର ନିମ୍ନରେ ଥିଲେ ମଧ୍ୟ ଏକ ଭଲ ଦଳ। ତେଣୁ ମ୍ୟାଚ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଆମେ ଭଲ ପ୍ରଦର୍ଶନ କରିବା ନେଇ ବେଶ୍ ଆଶାବାଦୀ ରହିଛୁ" ବୋଲି ଲୋବେରା କହିଛନ୍ତି। ଡେଲଗାଡୋ ଆହତ ସମସ୍ୟାରୁ ମୁକୁଳୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଆଉଥରେ ବିଶ୍ଳେଷଣ କରାଯିବ। ତେବେ ସାଭିଅର ଗାମା ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି ଏବଂ ସେ ଆଗାମୀ ମ୍ୟାଚ ପାଇଁ ଉପଲବ୍ଧ ହେବେ ବୋଲି ସେ ସ୍ପଷ୍ଟ କରିଛନ୍ତି।



ସର୍ଗିଓ ଲୋବେରାଙ୍କ ସହ ଆମେ ରାନାୱାଡେ।

## ଜାତୀୟ ଭିନ୍ନକ୍ଷମ କ୍ରିକେଟ: କ୍ୱାର୍ଟରରେ ଓଡ଼ିଶା

ଭୁବନେଶ୍ୱର,୨୧।୧୦(ସରୋଜ ଜେନା)

ରାଜସ୍ଥାନର ଉଦୟପୁରରେ ଅନୁଷ୍ଠିତ ଜାତୀୟ ଭିନ୍ନକ୍ଷମ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ବିଦର୍ଭକୁ ଦଳ ୨୭ ରନ୍‌ରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ୨୦ ଓଭରରେ ୭ ଉଇକେଟରେ ୨୧୦ ରନ୍ କରିଥିଲା। ଜବାବରେ ବିଦର୍ଭ ୧୯.୩ ଓଭରରେ ୧୭୩ ରନ୍‌ରେ ଅଲଆଉଟ ହୋଇଥିଲା। ଓଡ଼ିଶା ପକ୍ଷରୁ ଜଗଜିତ୍ ମହାନ୍ତି (୬୫ ରନ୍ ଓ ୩/୧୮) ଅଲରାଉଣ୍ଡ ପ୍ରଦର୍ଶନ କରି ପ୍ଲେୟର ଅଫ୍ ଦ ମ୍ୟାଚ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ପ୍ରଧାନ ୪୦ ଓ ଦେବେନ୍ଦ୍ର ମେହେର ରନ୍ କରିଥିଲେ। ବିଦର୍ଭ ପକ୍ଷରୁ ଦୀପେଶ ସର୍ବାଧିକ ୩୮ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରଫୁଲ୍ଲ ୪, ଜଗଜିତ ୩ ଓ ସୋହେଲ୍ ଖାନ୍ ୧ ଉଇକେଟ ନେଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ ଫର ଫିଜିକାଲ ଚ୍ୟାଲେଞ୍ଜ ସଂଘର ସଭାପତି ତନୁଜା ମହାନ୍ତି, ସମ୍ପାଦିକା ବେଲା ଜୟସ୍ୱାଲ, ଉପସଭାପତି ମଣ୍ଟୁ ଦାସ ଓ କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ର ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

# ମହିଳା ଖେଳାଳିଙ୍କ ବିରୋଧ

**ଫିଫା ସହ ଆରାମକୋ ଚୁକ୍ତି**

ଜ୍ୟୁରିକ୍,୨୧।୧୦(ପି.ଟି.)

ଆସନ୍ତା ମହିଳା ବିଶ୍ୱକପ ପାଇଁ ସାଉଦି ଆରବ କମ୍ପାନୀ ଆରାମ କୋ ସହ ଚୁକ୍ତି ସ୍ୱାକ୍ଷର କରିଛି ଫିଫା। ବିଶ୍ୱକପ ପାଇଁ ଆରାମ କୋକୁ ପ୍ରାୟୋଜକ ମଧ୍ୟ ରଖାଯାଇଛି। ତେବେ ବିଶ୍ୱର ଶତାଧିକ ମହିଳା ଖେଳାଳି ଏହାକୁ ବିରୋଧ କରିବା ସହ ଏକ ଓପନ ଲେଟର ଲେଖିଛନ୍ତି। ଆମେରିକୀୟ ଜାତୀୟ ଦଳ ଅଧିନାୟିକା ବେକି ସରେରବ୍ରନ୍ ଓ ନେଦରଲାଣ୍ଡ ଫରୱାର୍ଡ ଭିଭିଆନ ମିଏଡେମାଙ୍କ ସମେତ ଶହେରୁ ଅଧିକ ଖେଳାଳି ଫିଫା ନିକଟକୁ ପତ୍ର ଲେଖିଛନ୍ତି। ଆତ୍ମଘାତୀ ଗୋଲ୍ ଅପେକ୍ଷା ଏହା ଅଧିକ ଭୟଙ୍କର ବୋଲି ଏହି ଚିଠିରେ ଖେଳାଳି ମାନେ ଉଲ୍ଲେଖ କରିଛନ୍ତି। ବ୍ରାଜିଲରେ ହେବାକୁ ଥିବା ମହିଳା ବିଶ୍ୱକପର ପ୍ରାୟୋଜକ ଥିବା ଆରାମ କୋ ପରିବେଶକୁ ମଧ୍ୟ ପ୍ରଦୂଷିତ କରିଥାଏ ବୋଲି ଏହି ଚିଠିରେ ଉଲ୍ଲେଖ କରାଯାଇଛି।

ସାଉଦି ଆରବ ଏଭଳି ଏକ ଦେଶ ଯାହା ମହିଳାଙ୍କ ଅଧିକାର କ୍ଷୁର୍ଣ୍ଣ କରିଥାଏ। ଏପରିକି ଏଲଜିବିଟିକ୍ୟୁ+ ସମୁଦାୟକୁ ମଧ୍ୟ ଏଠାରେ ଅତ୍ୟାଚାର କରାଯାଏ ବୋଲି କହିଛନ୍ତି ଆମେରିକୀୟ ଅଧିନାୟିକା ବେକି ସରେରବ୍ରନ। ପରିବେଶ ଓ ଏଲଜିବିଟିକ୍ୟୁ+ ସମୁଦାୟ ଅଧିକାର ଅପେକ୍ଷା ଫିଫା ପଇସାକୁ ଅଧିକ ପ୍ରାଧାନ୍ୟ ଦେବା ନିଶ୍ଚିତ ଭାବରେ ଚିନ୍ତାଜନକ ବୋଲି ସେ କହିଛନ୍ତି। ଲିଙ୍ଗଗତ ସମାନତା ଉପରେ ବିଶ୍ୱାସ ରଖୁଥିବା ଅନ୍ୟ କୌଣସି ପ୍ରାୟୋଜକଙ୍କ ସହ ଚୁକ୍ତି କରିବା ପାଇଁ ଖେଳାଳି ମାନେ ଦାବି କରିଛନ୍ତି।



ବେକି ସରେରବ୍ରନ୍

## ମହିଳା ଟି୨୦ ବିଶ୍ୱକପ୍ ଟିମ୍‌ରେ ହରମନପ୍ରୀତ

ଦୁବାଇ, ୨୧।୧୦ (ପି.ଟି.): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଦ୍ୱାରା ମହିଳା ଟି୨୦ ବିଶ୍ୱକପ୍ ଦଳ ଘୋଷଣା କରାଯାଇଛି। ଏଥିରେ ଦୁଇ ଫାଇନାଲିଷ୍ଟ ଦଳ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଖେଳାଳି ଆଧିପତ୍ୟ ବିସ୍ତାର କରିଥିବା ବେଳେ ଭାରତୀୟ ଦଳରୁ କେବଳ ଜଣେ ମାତ୍ର ଅଧିନାୟିକା ହରମନପ୍ରୀତ କୌରଙ୍କୁ ମଧ୍ୟ ସ୍ଥାନ ମିଳିଛି। ଭାରତ ତରଫରୁ ହରମନପ୍ରୀତଙ୍କ ପ୍ରଦର୍ଶନ କିନ୍ତୁ ଖୁବ୍ ଭଲ ରହିଥିଲା। ସେ ଭାରତର ଟପ୍ ସ୍କୋର ଥିବା ବେଳେ ଟୁର୍ନାମେଣ୍ଟରେ ଓଭରଅଲ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ସେ ୪ଟି ଇନିଂସ ଖେଳି ୧୫୦ ରନ ସଂଗ୍ରହ କରିଥିଲେ। ଶ୍ରୀଲଙ୍କା ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ୨୭ ବଲ୍‌ରୁ ୫୨ ରନ ସଂଗ୍ରହ କରି ଭାରତର ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିଲେ। ବିଶ୍ୱକପ୍ ଦଳରେ ଦ୍ୱାଦଶ ଖେଳାଳି ଇଡେନ କାର୍ସନଙ୍କ ବ୍ୟତୀତ ଚାମ୍ପିୟନ ନ୍ୟୁଜିଲାଣ୍ଡର ୩ ଖେଳାଳି ସ୍ଥାନ ପାଇଥିଲେ। ଦକ୍ଷିଣ ଆଫ୍ରିକାର ୩ ଖେଳାଳିଙ୍କୁ ସ୍ଥାନ ମିଳିଛି।

# ରାଜ୍ୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ଭୁବନେଶ୍ୱର, ୨୧।୧୦ (ତପନ ସ୍ୱାଇଁ)

ପୋଖରୀପୁଟସ୍ଥିତ ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମରେ ସୋମବାର ୟୋନେକ୍ସ-ସନ୍‌ରାଇଜ ରାଜ୍ୟ ମିନି, ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। ୩ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାର ୧୧ ବର୍ଷରୁ କମ ବାଳକ ବିଭାଗରେ ବଲାଙ୍ଗୀରର ଜି.ଗୌତମ ଭୁବନେଶ୍ୱରର ଫଂସୁଲ ସେଠୀଙ୍କୁ ୨୧-୧୦,୨୧-୧୬ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୧୧ ବର୍ଷରୁ କମ ବାଳିକା ଫାଇନାଲରେ କୋରାପୁଟର ଆରାଧନା ବେର୍ତ୍ତା ଭୁବନେଶ୍ୱରର ବରଣ୍ୟ ପଟେଲଙ୍କୁ ୨୧-୧୬, ୨୬-୨୪ରେ ହରାଇଛନ୍ତି। ୧୧ ବର୍ଷରୁ କମ ବାଳକ ଡବଲ୍ସରେ ଭୁବନେଶ୍ୱରର ଇଭାନ ଓ ରାଜବୀର ସ୍ୱାଇଁ, ଅନୁଗୋଳ ଯୋଡ଼ି ଗଡୁଗୁ କାର୍ତ୍ତିକେୟ ଓ ଗଡୁଗୁ ସୂର୍ଯ୍ୟାଙ୍କୁ ସଂଘର୍ଷପୂର୍ଣ୍ଣ ତିନୋଟି ଗେମ ୧୮-୨୧, ୨୧-୧୨ ଓ ୨୧-୧୬ରେ ହରାଇ ଚାମ୍ପିୟନ ହୋଇଛନ୍ତି।

ସେହିପରି ୧୩ ବର୍ଷରୁ କମ ବାଳକ ସିଙ୍ଗଲ୍ସରେ କଟକର ହର୍ଷିତ ପ୍ରିୟଦର୍ଶୀ ବେହେରା ଭୁବନେଶ୍ୱରର ଦୀପ୍ୟାଂଶୁ ଶର୍ମାଙ୍କୁ ସିଧାସଳଖ ୨୧-୧୦, ୨୧-୧୪ରେ ହରାଇ ଚାମ୍ପିୟନ ହୋଇଛନ୍ତି । ବାଳିକା ବିଭାଗ ଫାଇନାଲରେ ଅମ୍ପିତା ପ୍ରହରାଜ ଭୁବନେଶ୍ୱରର ସମୃଦ୍ଧି ରାଜ ବିଶ୍ୱାଳଙ୍କୁ ସିଧାସଳଖ ୨୧-୧୯, ୨୧-୧୮ ପଏଣ୍ଟରେ ପରାସ୍ତ କରିଛନ୍ତି । ୧୩ ବର୍ଷରୁ କମ ବାଳକ ଡବଲ୍ସରେ ସମ୍ବଲପୁର-କଟକ ଯୋଡି ଅୟଙ୍କ ସାହୁ ଓ ହର୍ଷିତ ପ୍ରିୟଦର୍ଶ ବେହେରା ଭୁବନେଶ୍ୱର ଯୋଡି ଦୀପ୍ୟାଂଶୁ ଶର୍ମା ଓ ସୋହନ ମହାପାତ୍ର ଯୋଡିଙ୍କୁ ୨୧-୧୨ ଓ ୨୧-୧୯ରେ ହରାଇ ଟାଇଟଲ ହାସଲ କରିଛନ୍ତି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ାବିଭାଗ ଉତ୍କର୍ଷ କେନ୍ଦ୍ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବେ କ୍ରୀଡ଼ାବିଭାଗ ଅଧିକାରୀ ସ୍ୱରୂପ ନନ୍ଦନ ବେହେରା, ରାମ ଗୋବିନ୍ଦ ପରିଡା, ଧୀରଜ ପଟ୍ଟନାୟକ, ଓସବା ସମ୍ପାଦକ ନିଲିନ କୁମାର, ସାଙ୍ଗଠନିକ ସମ୍ପାଦକ କମଳ ଦାସ, ଟୁର୍ନାମେଣ୍ଟ ସଂଯୋଜକ ଜୟପ୍ରକାଶ ଜେନା, ନିରଞ୍ଜନ ବିଶ୍ୱାଳ, ଅଜିତ ମହାନ୍ତି, ସହ ସଂଯୋଜକ ସୌଭାଗ୍ୟ ଜଗଦେବ ଓ ଅବଦୁଲ ହାକିମ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ପଦକ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ ।




ପୁରସ୍କୃତ କ୍ରୀଡ଼ାବିତ୍‌ଙ୍କ ସହ ଅତିଥିମାନେ।

**୧୧ ବର୍ଷରୁ କମ୍‌ରେ ଗୌତମ ଓ ଆରାଧନା ଏବଂ ୧୩ ବର୍ଷରୁ କମ୍‌ରେ ହର୍ଷିତ ଓ ଅମ୍ପିତା ଚାମ୍ପିୟନ**

